ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା : ୧୩୮
୨୬ ଅକ୍ଟୋବର, ୨୦୨୫ ରବିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 138
26th October, 2025 Sunday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଓଁ ୟାଂ ମେଧାଂ ଦେବାଗଣଃ ପିତରଶ୍ଚୋ ପାସତେ
ତୟା ମା ମଧ୍ୟ ମେଧୟା ଅଗ୍ନେ ମେଧାବିନଂ କୁରୁ**

ହେ ମେଧାବାନ୍ ପରାମାତ୍ମା ! ଆମର ଦେବଗଣ, ଋଷିଗଣ ଓ ପିତୃପୁରୁଷ ଯେଉଁ ମେଧା ବୁଦ୍ଧିର ପ୍ରାର୍ଥନା, ଉପାସନା ଓ ଯାଚନା ସବୁବେଳେ କରି ଆସିଛନ୍ତି, ଆପଣ ଆମ ସମସ୍ତଙ୍କୁ ସେହି ମେଧା ବୁଦ୍ଧି ପ୍ରଦାନ କରନ୍ତୁ, ଯଦ୍ୱାରା ଆମର ସମସ୍ତ ଶୁଭକାର୍ଯ୍ୟ ଯଥାବିଧି ସମ୍ପନ୍ନ ହେବ ।

# କାକିନାଡ଼ାରେ ଲ୍ୟାଣ୍ଡଫଲ୍: ଓଡ଼ିଶାରେ ବର୍ଷା


**ଭୁବନେଶ୍ୱର,୨୫।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ଆସୁଛି ଭୀଷଣ ବାତ୍ୟା 'ମୋନ୍ଥା'। ୨୮ ସନ୍ଧ୍ୟା ପରେ ଆନ୍ଧ୍ର ପ୍ରଦେଶର ମଛଲିପଟ୍ଟନମ ଓ କଳିଙ୍ଗପଟ୍ଟନମ ମଝିରେ କାକିନଡା ପାଖାପାଖି ସ୍ଥଳଭାଗ ଛୁଇଁପାରେ ଏହି ସମ୍ଭାବ୍ୟ ବାତ୍ୟା। ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିମି ରହିପାରେ। ଶନିବାର ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି ଏହି ସୂଚନା ଦେଇଛନ୍ତି।

ମନୋରମା ମହାନ୍ତି କହିଛନ୍ତି, ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଓଡିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବ। ତା'ସହିତ କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ଓ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୭ ତାରିଖରେ ରାଜ୍ୟରେ ଅନେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବ। ତା' ସହିତ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି ଓ ରାୟଗଡା ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକର ପାଖାପାଖି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

୨୮ ତାରିଖରେ ଗଞ୍ଜାମ, ଗଜପତି, ରାୟଗଡା, ମାଲକାନଗିରି ଓ କୋପରାପୁଟ ଜିଲ୍ଲାରେ ଗୋଟିଏ ବା ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକର ପାଖାପାଖି ଜିଲ୍ଲାଗୁଡିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୨୯ ତାରିଖରେ ମଧ୍ୟ କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ସହିତ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବଲାଙ୍ଗୀର, ନୂଆପଡା, ବୌଦ୍ଧ, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକର ପାଖାପାଖି ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୩୦ ତାରିଖରେ ବର୍ଷା କମିବ। ତେବେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ *(ଶେଷ ପୃଷ୍ଠା ଦେଖନ୍ତୁ)*




## ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍

ସମ୍ଭାବ୍ୟ ବାତ୍ୟା ପାଇଁ ବାଲେଶ୍ୱର, ଗଞ୍ଜାମ, କଳାହାଣ୍ଡି ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ହେବା ପର୍ଯ୍ୟନ୍ତ କର୍ମଚାରୀମାନଙ୍କର ଛୁଟି ବାତିଲ ହୋଇଛି। ଯେଉଁ କର୍ମଚାରୀମାନେ ଛୁଟିରେ ଅଛନ୍ତି, ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀମାନଙ୍କୁ ନିଜ ନିଜ ମୁଖ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଆସନ୍ତାକାଲି ଅର୍ଥାତ ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ମୁଖ୍ୟାଳୟ ନ ଛାଡିବାକୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଜିଲ୍ଲାପାଳ ନିର୍ଦ୍ଦେଶ ଜାରୀ କରିଛନ୍ତି। ସମସ୍ତ ଲାଇନ ବିଭାଗ ସମେତ ବିଡିଓ ତହସିଲଦାରମାନଙ୍କ ସହିତ ଅନଲାଇନ ବୈଠକ କରି ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଲଜ୍ଜା: ୨ ଅଷ୍ଟ୍ରେଲୀୟ ମହିଳା କ୍ରିକେଟରଙ୍କୁ ଅସଦାଚାରଣ

**ଇନ୍ଦୋର,୨୫।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଆଇସିସି ମହିଳା ବିଶ୍ୱକପ ଆୟୋଜନ କରୁଛି ଭାରତ। ଏଥିପାଇଁ ପାକିସ୍ତାନକୁ ଛାଡି ପ୍ରାୟ ସବୁ ଦଳ ଭାରତର ବିଭିନ୍ନ ସହରକୁ ମ୍ୟାଚ୍ ଖେଳିବାକୁ ଆସିଛନ୍ତି। ହେଲେ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବା ଭାରତର ମୁଣ୍ଡକୁ ଲଜ୍ଜାରେ ନୂଆଁ ଦେଇଛି ଜଣେ ଅଭଦ୍ର ବ୍ୟକ୍ତି। ବିଶ୍ୱକପ ଖେଳିବାକୁ ଭାରତ ଆସିଥିବା ୨ ଜଣ ମହିଳା ଅଷ୍ଟ୍ରେଲୀୟ କ୍ରିକେଟରଙ୍କୁ ଇନ୍ଦୋରର ବିଚ ରାସ୍ତାରେ କରାଯାଇଛି ଅସଦାଚରଣ। ଜଣେ ବାଇକଧାରୀ ୨ ଜଣଙ୍କ ପିଛା କରିବା ସହ ସେମାନଙ୍କୁ ଅସଦାଚରଣ କରିବା ଭଳି ଲଜ୍ଜାଜନକ କାଣ୍ଡ ଭିଆଇଛି।

ପୂରା ଘଟଣା ଗୁରୁବାର ଘଟିଥିବା ବେଳେ ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଅଭିଯୁକ୍ତ ବାଇକ ଆରୋହୀକୁ ଗିରଫ କରିଛି। ଶନିବାର ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଇନ୍ଦୋରରେ ବିଶ୍ୱକପର ଗୋଟିଏ ମ୍ୟାଚ୍ ଖେଳାଯିବ। ଏହାପୂର୍ବରୁ ୨ ମହିଳା ଅଷ୍ଟ୍ରେଲୀୟ କ୍ରିକେଟରଙ୍କ ସହ ଏପରି ଘଟଣା ଘଟିଛି।

ପୁଲିସ୍ କହିଛି ଯେ ଗୁରୁବାର ସକାଳେ ୨ ଅଷ୍ଟ୍ରେଲୀୟ କ୍ରିକେଟର ରାଡିସନ ବ୍ଲ୍ୟୁ ହୋଟେଲରୁ ଗୋଟିଏ କାଫେକୁ ଯାଉଥିଲେ। ଏହି ସମୟରେ ଅକୀଲ ଖାନ ନାମକ ଜଣେ ବାଇକଧାରୀ ସେମାନଙ୍କ ପିଛା କରିଥିଲା। ଏହାପରେ ୨ ଜଣଙ୍କ ମଧ୍ୟରୁ ଜଣଙ୍କୁ ସେ ଅସଦାଚରଣ କରିଥିଲା। ସବ ଇନସପେକ୍ଟର ନିଧି *(ଶେଷ ପୃଷ୍ଠା ଦେଖନ୍ତୁ)*

## ୪ ବିଭାଗର ୫ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ



**ଭୁବନେଶ୍ୱର,୨୫।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ କ୍ୟାବିନେଟର ୨୯ତମ ବୈଠକରେ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ଣରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ୪ଟି ବିଭାଗର ୫ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ କହିଛନ୍ତି, ଆଜି କ୍ୟାବିନେଟ୍‌ରେ ଅନୁମୋଦନ ମିଳିଥିବା ପ୍ରସ୍ତାବ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଗୋଟିଏ, କୃଷି ଓ କୃଷକ ସଶକ୍ତି କରଣ ବିଭାଗର ଗୋଟିଏ, ବାଣିଜ୍ୟ ଓ ପରିବହନ ବିଭାଗର ଗୋଟିଏ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ୨ଟି ସାମିଲ ରହିଛି।

ଶ୍ରୀ ଆହୁଜା କହିଛନ୍ତି, ଆଗାମୀ ୧୦ ବର୍ଷ ପାଇଁ ୨୦୦ଟି ଇ-ବସ୍ ରାଜ୍ୟରେ ଚାଲିବ। ଏଥିରେ ପ୍ରଥମକରି ଅନୁଗୁଳ, ଝାରସୁଗୁଡ଼ା, କେଉଁଝର ଓ ବାରିପଦାରେ ୨୫ ଲେଖାଏଁ ନୂଆ ଇ-ବସ୍ ଚାଲିବ। ସେହିଭଳି ବ୍ରହ୍ମପୁର ଓ ସମ୍ବଲପୁର ୫୦ ବସ୍ ଚାଲିବ। ଏଥିପାଇଁ ୯୫୨.୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ଏଣିକି ଆହାର ଯୋଜନା ପାଇଁ ଖର୍ଚ୍ଚ ରାଜ୍ୟ ସରକାର ନିଜେ ବହନ କରିବେ। ଏଥିପାଇଁ ୫ ବର୍ଷ ପାଇଁ ୫୧୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଅନ୍ତର୍ଗତ କ୍ଷୁଦ୍ର ପ୍ରାଣୀ ଉନ୍ନୟନ ଉପ ଯୋଜନାକୁ କ୍ୟାବିନେଟ୍‌ର ମୋହର ବାଜିଛି। ଏହି ଯୋଜନା ଆସନ୍ତା ୪ ବର୍ଷ ପାଇଁ ୨୯୪.୩୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଯୋଜନା ଦ୍ୱାରା ୨୩ ହଜାର ୭୩୫ କୃଷକ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୭ ବର୍ଷର ଶିଶୁ ଏଚଆଇଭି ପଜିଟିଭ

**ଚାଇବାସା,୨୫।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ଜଣେ ସାତ ବର୍ଷିୟ ଶିଶୁ ଏଚଆଇଭି ଏଡସ୍ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଘଟଣାଟି ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲାରେ ଘଟିଛି।

### ସନ୍ଦେହରେ ବ୍ଲଡ୍ ବ୍ୟାଙ୍କ୍

ଏହା ପରେ ଶିଶୁଟିର ପରିବାର ଚାଇବାସା ବ୍ଲଡ୍‌ବ୍ୟାଙ୍କ ନାଁରେ ସଂକ୍ରମିତ ରକ୍ତ ଦେଇ ଥିବାର ଅଭିଯୋଗ କରିଛନ୍ତି। ଏଡସ୍ ଭୂତାଣୁ ଅସୁରକ୍ଷିତ ଯୌନ ସମ୍ପର୍କ, ଛୁଞ୍ଚି ଏବଂ ସିରିଞ୍ଜ କିମ୍ବା ରକ୍ତ




ବଣ୍ଟନ ମାଧ୍ୟମରେ ବ୍ୟାପିଥାଏ। ସେଥିପାଇଁ ରକ୍ତଭଣ୍ଡାରର ଭୂମିକା ସନ୍ଦେହ ଘେରରେ। ଜଣେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଯେ, ଶନିବାର ରାଞ୍ଚିର ଏକ ପାଞ୍ଚ ଜଣିଆ ଟିମ୍ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲାର ମୁଖ୍ୟାଳୟ ଚାଇବାସା ଗସ୍ତ କରିଥିଲେ। ଏହି ଦଳ ସ୍ଥାନୀୟ ରକ୍ତଭଣ୍ଡାର ଦ୍ୱାରା ଜଣେ ସାତ ବର୍ଷର ଥାଲାସେମିଆ ରୋଗୀଙ୍କୁ ଏଚଆଇଭି ସଂକ୍ରମିତ ରକ୍ତ ଦେବାର ଅଭିଯୋଗର ତଦନ୍ତ କରିବ।

ଚାଇବାସା ସିଭିଲ୍ ସର୍ଜନ୍ ଡାକ୍ତର ସୁଶାନ୍ତୋ ମାଝୀ କହିଛନ୍ତି ଯେ, ପୀଡିତଙ୍କ ପରୀକ୍ଷା ସପ୍ତାହେ ପୂର୍ବରୁ ଏଚଆଇଭି ପଜିଟିଭ୍ ଆସିଥିଲା। ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ତଦନ୍ତ ଦଳ ତଦନ୍ତର ଅଂଶ ସ୍ୱରୂପ ସଦର ହସ୍ପିଟାଲ ଏବଂ ଚାଇବାସା ରକ୍ତଭଣ୍ଡାର ପରିଦର୍ଶନ କରିଥିଲା। ତଥାପି ତଦନ୍ତ ଜାରି ରହିଥିବାରୁ ଡା. ମାଝୀ ବିବରଣୀ ଦେବାକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଭିଜିଲାନ୍ସ ଜାଲରେ ଚତୁର୍ଥ ଶ୍ରେଣୀ କର୍ମଚାରୀ



**ଜୟପୁର,୨୫।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ପେନ୍‌ସନ୍ ବାବଦକୁ ଏରିୟର ବିଲ୍ କରାଇ ଦେବାକୁ ୪୭ ହଜାର ଟଙ୍କା ଲାଞ୍ଚ ନେଇ ଆଜି ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭିଜିଲାନ୍ସ ଜାଲରେ ଫସିଛନ୍ତି। ଜଣେ ବ୍ୟକ୍ତିଙ୍କ ଠାରୁ ୪୭ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ଜୟପୁର ସରକାରୀ ଟ୍ରେଜେରି ଅଫିସର ଚତୁର୍ଥ ଶ୍ରେଣୀ କର୍ମଚାରୀ ହରିଶ୍ଚନ୍ଦ୍ର ମହାପାତ୍ର ଧରାପଡିଛନ୍ତି। ସୂଚନା ଅନୁସାରେ ହରିଶ୍ଚନ୍ଦ୍ର ମହାପାତ୍ର ଭିଜିଲାନ୍ସ ଜାଲରେ ଟ୍ରେଜେରି ଅଫିସର ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି। ସେ ଭରତ ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ଆଜି ଅପରାହ୍ଣରେ ୪୭ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ଟିମ୍ ମାଡି ବସିଥିଲା। ଭରତ ନାୟକଙ୍କ ଶ୍ୱଶୁର ସେଟେଲମେଣ୍ଟ ଅଫିସରେ କାମ କରୁଥିଲେ। ତାଙ୍କ ପେନ୍‌ସନ୍ ବାବଦକୁ ଏରିୟର ବିଲ୍ କରାଇ ଦେବାକୁ ୮୭ ହଜାର ଟଙ୍କା ଲାଂଚ ମାଗିଥିଲେ ହରିଶ୍ଚନ୍ଦ୍ର। ପୂର୍ବରୁ ସେ ୪୦ ହଜାର ଟଙ୍କା ଦେଇଥିବା ବେଳେ ଆଜି ବଳକା ୪୭ ହଜାର ଟଙ୍କା ଦେଇଥିଲେ। ଭରତଙ୍କ ଅଭିଯୋଗ କ୍ରମେ ଏବଂ ପୂର୍ବ ନିର୍ଦ୍ଧାରିତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୩୩ ପ୍ରକଳ୍ପରେ ନିବେଶ ହେବ ୧.୪୬ ଲକ୍ଷ କୋଟି

**ଭୁବନେଶ୍ୱର,୨୫।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏକ ଉଚ୍ଚସ୍ତରୀୟ କ୍ଲିଅରାନ୍ସ ବୈଠକରେ ୩୩ଟି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପଗୁଡିକରେ ୧.୪୬ ଲକ୍ଷ କୋଟି ଟଙ୍କାର ନିବେଶ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେଲେ ୬୬,୦୦୦ ନିଯୁକ୍ତି ସୃଷ୍ଟି ହେବ। ଆଜି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୨ତମ ହାଇଲେବଲ କ୍ଲିଅରାନ୍ସ ବୈଠକରେ ୧୨ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏଥିପାଇଁ ୧ ଲକ୍ଷ ୪୨ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ୭ଟି ସେକ୍ଟରରେ ୯ଟି ଜିଲ୍ଲାରେ ଏହି ପ୍ରକଳ୍ପ ହେବ। ଏହାଦ୍ୱାରା ୫୦ହଜାର *(ଶେଷ ପୃଷ୍ଠା ଦେଖନ୍ତୁ)*

## ପରଲୋକରେ ଅଭିନେତା ସତୀଶ ଶାହ

**ମୁମ୍ବାଇ,୨୫।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ଆଉ ନାହାନ୍ତି ବଲିଉଡର ଭେଟରାନ ଅଭିନେତା ସତୀଶ ଶାହ। ଆଜି ଅପରାହ୍ନ ୨.୩୦ରେ ସତୀଶ ଶାହ ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଅନେକ



ବଲିଉଡ ସିନେମା ଓ ଟିଭି ଶୋ'ରେ ନଜର ଆସିଥିବା ସତୀଶଙ୍କୁ ମୃତ୍ୟୁ ବେଳକୁ ୭୪ ବର୍ଷ ବୟସ ହୋଇଥିଲା।

ସରାଭାଇ ବନାମ ସରାଭାଇ, ଜାନେ ଭି ଦୋ ୟାରୋ ଓ ମେଁ ହୁଁ ନା ଭଳି ସିନେମାରେ ଅଭିନୟ କରିଥିବା ସତୀଶ ବେଶ କିଛି ସମୟ ହେଲା କିଡନୀ ଜନିତ ରୋଗରେ ପୀଡିତ ଥିଲା। ନିକଟରେ ତାଙ୍କର କିଡ୍‌ନୀ ପ୍ରତିରୋପଣ ମଧ୍ୟ ହୋଇଥିଲା। କିନ୍ତୁ ସବୁ ପ୍ରକାରର ଉଦ୍ୟମ ସତ୍ତ୍ୱେ ସିତୀଶ ସମସ୍ତଙ୍କୁ ଛାଡି ପରପାରିକୁ ଚାଲି ଯାଇଛନ୍ତି। ଏବେ ତାଙ୍କ ପାର୍ଥିବ ଶରୀର ହସ୍ପିଟାଲରେ ରହିଛି ଓ ଆସନ୍ତାକାଲି ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ତାଙ୍କ ମ୍ୟାନେଜର ସୂଚନା ଦେଇଛନ୍ତି।

ଦୀର୍ଘ ୪୦ ବର୍ଷ ଧରି ଅଭିନୟ ଜଗତ ସହ ଯୋଡି ହୋଇ ରହିଥିବା ସତୀଶ ନିଜର ଅଭିନୟ ପାଇଁ ଘରେଘରେ ପରିଚିତ ହୋଇପାରିଥିଲେ। ଉଭୟ ଟିଭି ଓ *(ଶେଷ ପୃଷ୍ଠା ଦେଖନ୍ତୁ)*

# ପ୍ରତାରଣା କରି ଭୁବନେଶ୍ୱର ଏୟାରପୋର୍ଟ ଡିଜିଏମ୍ ଗିରଫ

**ଭୁବନେଶ୍ୱର,୨୫।୧୦
ଏକ୍ସପ୍ରେସ୍ ନ୍ୟୁଜ୍**

ବିବାହିତ ହୋଇଥିବା ସତ୍ତ୍ୱେ ଜଣେ ଏୟାର ହୋଷ୍ଟେସଙ୍କୁ ନିଜ ପ୍ରେମ ଜାଲରେ ଫସାଇ ଶାରୀରିକ ସଂପର୍କ ରଖିବା, ଗର୍ଭପାତ କରାଇବା ଓ ମାରିପିଟ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି ଭୁବନେଶ୍ୱର ବିମାନବନ୍ଦରର ଡିଜିଏମ୍ ଉମାକାନ୍ତ ପଟେଲ। ଏୟାରପୋର୍ଟ ଥାନା ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ଉମାକାନ୍ତ ପଟେଲଙ୍କ ବିବାହକୁ ୫ ବର୍ଷ ହେଲାଣି। ସେ ଏକ ସନ୍ତାନର ବାପା ମଧ୍ୟ ହୋଇସାରିଛନ୍ତି। କିନ୍ତୁ ଗତ ୪ ବର୍ଷ ଧରି ଏକ ଘରୋଇ ଏୟାର ଲାଇନ୍ସର ଜଣେ ଏୟାର ହୋଷ୍ଟେସଙ୍କ ସହିତ ସେ ସଂପର୍କରେ ରହିଥିଲେ। ସେ ନିଜକୁ ଅବିବାହିତ କହି



ଏହି ଏୟାର ହୋଷ୍ଟେସଙ୍କ ସହିତ ସଂପର୍କରେ ରହିଥିଲେ। ଉମାକାନ୍ତ ପଟେଲ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏୟାର ହୋଷ୍ଟେସ ଜଣଙ୍କ ଯେତେବେଳେ ବି ବିବାହ କଥା ଉଠାଉଥିଲେ, ସେ ଏହାକୁ କିଛି ନା କିଛି ବାହାନା କରି ଏଡାଇ ଦେଉଥିଲେ।

ଆଉ ଗୋଟିଏ କଥା ମଧ୍ୟ ତଦନ୍ତ ବେଳେ ଜାଣିବାକୁ ପାଇଛି ପୁଲିସ। ଉମାକାନ୍ତ ପଟେଲ ଯେଉଁ ବିମାନବନ୍ଦରକୁ ବଦଳି ହୋଇଯାଉଥିଲେ ସେ ଉକ୍ତ ଏୟାର ହୋଷ୍ଟେସଙ୍କୁ ସେଠାକୁ ନେଇଯାଉଥିଲେ। ଭୁବନେଶ୍ୱର ଆସିବା ପୂର୍ବରୁ ଉମାକାନ୍ତ ଦିଲ୍ଲୀରେ ଥିଲେ। ସେଠାରେ ମଧ୍ୟ ଏହି ଏୟାର ହୋଷ୍ଟେସ ଜଣଙ୍କ ଥିଲେ। ତା'ପୂର୍ବରୁ ଉମାକାନ୍ତ ଗୋଆରେ ଥିଲେ। ସେତେବେଳେ ମଧ୍ୟ ସେ ପୀଡିତାଙ୍କୁ ଏକ ଘରୋଇ ଏୟାର ଲାଇନ୍ସରେ ନିଯୁକ୍ତ କରାଇଥିଲେ।

ସଂପର୍କ ନିବିଡ ହେବା ପରେ ସେମାନଙ୍କ ମଧ୍ୟରେ ଶାରୀରିକ ସଂପର୍କ ସ୍ଥାପନ ହୋଇଥିଲା। ଏହା ମଧ୍ୟରେ ପୀଡିତା ଗର୍ଭବତୀ ହୋଇଥିଲେ। ତେଣୁ ସେ ବିବାହ ପାଇଁ ଜିଦ୍ ଧରିଥିଲେ। କିନ୍ତୁ ଉମାକାନ୍ତ ବାହାନ କରି ଏଡାଇ ଯାଇଥିଲେ। ଏହା ସହିତ ତାଙ୍କର ଗର୍ଭପାତ କରାଇଥିଲେ।

ଉମାକାନ୍ତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଚନ୍ଦନପୁର ଗଣଦୁଷ୍କର୍ମ ଘଟଣାରେ ଦୁଇ ଗିରଫ

**ପୁରୀ,୨୫।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଚନ୍ଦନପୁର ନାବାଳିକା ଗଣଦୁଷ୍କର୍ମ ମାମଲାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସମ୍ପର୍କୀୟ ଭାଇ ଓ ଦାଦାଙ୍କୁ ଚନ୍ଦନପୁର ପୁଲିସ୍ ଗିରଫ କରିଥିବା ସୂଚନା ମିଳିଛି। ସୂଚନା ମୁତାବକ ଗତ ବୁଧବାର କାଳୀପୂଜା ଭସାଣି ଦେଖିବାକୁ ପରିବାର ଲୋକେ ଯାଇଥିବାବେଳେ ନାବାଳିକା ଜଣକ ଘରେ ଏକା ଶୋଇଥିଲେ। ଅଭିଯୁକ୍ତଦ୍ୱୟ ରାତି ପ୍ରାୟ ୨ଟା ପରେ ଘରେ ପଶି ବଳପୂର୍ବକ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଶୁକ୍ରବାର ମା'ଙ୍କ ସହ ନାବାଳିକା ଥାନାରେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ଏସଡିପିଓ ରବି ନାରାୟଣ ଭଞ୍ଜ ଏବଂ ଫରେନ୍‌ସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଆଜି ଉଭୟଙ୍କୁ ଗିରଫ କରାଯାଇଥିବା ନେଇ ସୂଚନା ମିଳିଛି।

# ବିପର୍ଯ୍ୟୟ ମୁକାବିଲା: ୫ବର୍ଷରେ ୨୦୨୫ କୋଟି ଖର୍ଚ୍ଚ

**ଭୁବନେଶ୍ୱର,୨୫।୧୦: ତଥ୍ୟ**

ପ୍ରାକୃତିକ ବିପର୍ଯ୍ୟୟ ଓଡିଶାର ଚିର ସହଚର ପାଲଟିଥିବାବେଳେ ଗତ ୫ବର୍ଷ ଭିତରେ ଏହାର ମୁକାବିଲା ପାଇଁ ୨ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ ହେଲାଣି। ଉଭୟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଓ କେନ୍ଦ୍ର ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ ହୋଇଛି।

ରାଜ୍ୟର ଉପକୂଳ ଜିଲ୍ଲାଗୁଡିକ ବାତ୍ୟା, ବନ୍ୟା, ବର୍ଷା, ଘୂର୍ଣ୍ଣିଝଡ ଆଦିର ସାମ୍ନା କରୁଥିବାବେଳେ ଆଭ୍ୟନ୍ତରୀଣ ଓଡିଶା ବନ୍ୟା, ମରୁଡି, ଗ୍ରୀଷ୍ମପ୍ରବାହ ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ବଦଳୁଥିବା ପାଣିପାଗରେ ରାଜ୍ୟର ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକ ମଧ୍ୟ ବାତ୍ୟା ଓ ଘୂର୍ଣ୍ଣିଝଡର ସମ୍ମୁଖୀନ ହେଉଛନ୍ତି। ଏହାର ମୁକାବିଲା ପାଇଁ ପ୍ରତିବର୍ଷ ବିପୁଳ ଅର୍ଥ ବ୍ୟୟ ହେଉଛି।

ବିଗତ ୫ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ କଟ ଜିଲ୍ଲାରେ ସର୍ବାଧିକ ପ୍ରାୟ ୧୯୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଯାଜପୁରରେ ପ୍ରାୟ ୧୮୮ କୋଟି, ପୁରୀରେ ୧୮୦ କୋଟି, ଗଞ୍ଜାମରେ ୧୭୧ କୋଟି, କେନ୍ଦ୍ରାପଡାରେ ୧୫୫ କୋଟି, ଜଗତ୍‌ସିଂହପୁରରେ ୧୦୫ କୋଟି, ବାଲେଶ୍ୱରରେ ୧୦୦ କୋଟି, ମୟୁରଭଞ୍ଜରେ ୧୦୫ କୋଟି ଟଙ୍କା ବ୍ୟୟ ହୋଇଛି। ଗଜପତି ଜିଲ୍ଲାରେ ସବୁଠାରୁ କମ୍ ପାଖାପାଖି ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାଯାଇଛି।

ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ବିଭାଗକୁ ଅର୍ଥ ଯୋଗାଇ ଦେଇଥାନ୍ତି। ବିଭାଗଗୁଡିକ ନିଜ




ନିଜର କ୍ଷୟକ୍ଷତି ଆକଳନ କରିବା ସହିତ ଅର୍ଥ ବ୍ୟୟ କରିଥାନ୍ତି। ଏହି ୫ବର୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସର୍ବାଧିକ ୧୨୮୬ କୋଟି ଟଙ୍କା ବ୍ୟୟ କରିଥିବାବେଳେ ପଞ୍ଚାୟତିରାଜ ବିଭାଗ ୧୦୮୦ କୋଟି ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କରିଛି। ଶକ୍ତି ବିଭାଗର ଖର୍ଚ୍ଚ ପରିମାଣ ୨୯୫ ଟେଟି ଟଙ୍କାରୁ ଅଧିକ ରହିଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରାୟ ୨୦୦ କୋଟି ଟଙ୍କା ଖର୍ଚ୍ଚ କରିଛି। ଗୃହ ବିଭାଗ ୩୦୫ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଜଳସମ୍ପଦ ବିଭାଗର ଖର୍ଚ୍ଚ ୧୬୦ କୋଟି ଟଙ୍କାରୁ ଅଧିକ ରହିଛି।

ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ତାହାର ପ୍ରକୃତିରେ ପରିବର୍ତ୍ତନ କରୁଥିବାରୁ ସରକାର ମଧ୍ୟ ଏହାର ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଧନ ଜୀବନ ହାନିକୁ ରୋକିବାପାଇଁ ଜନସାଧାରଣଙ୍କୁ ବିପର୍ଯ୍ୟୟର ଆଗୁଆ ସୂଚନା ପ୍ରଦାନ କରିବା ସବୁଠାରୁ ବଡ କାମ ହୋଇଥିବାବେଳେ ଏଥିପାଇଁ ସରକାର ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ସ୍ଥାପନ କରିଛନ୍ତି। ଏଥିପାଇଁ ଆବଶ୍ୟକ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି।

ଉପକୂଳ ଜିଲ୍ଲାପାଇଁ ସୁନାମୀ ନୂଆ ବିପଦ ହୋଇଥିବାବେଳେ ଏହାର ଆଗୁଆ ସୂଚନା ପାଇଁ କେନ୍ଦ୍ର ସରକାରା ଓଡିଶାର ଛଅଟି ଉପକୂଳ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ଜାତୀୟ ବାତ୍ୟା ଆପଦ ପ୍ରଶମନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ଏହିସବୁ ଜିଲ୍ଲାର ୧୨୨ଟି ସ୍ଥାନରେ ସତର୍କ ସୂଚନା ପାଇଁ ସାଇରନ୍ ଟାୱାର ପ୍ରତିଷ୍ଠା କରାଯାଇଛି। ଏଥିସହିତ କେନ୍ଦ୍ର ସରକାରଙ୍କ ଏକୀକୃତ ୧୧୨ ହେଲ୍ପ ଲାଇନ୍ ନମ୍ବରକୁ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ୟବହାର କରାଯାଉଛି।

ଓଡିଶାର ୨୦ଟି ଓଡ୍ରାଫ ବାହିନୀ ରାଜ୍ୟର ୧୫ ଜିଲ୍ଲାରେ ମୁତୟନ ହୋଇଛନ୍ତି। ଅତ୍ୟାଧୁନିକ ତାଲିମ ସହିତ ଯନ୍ତ୍ରପାତିରେ ସୁସଜ୍ଜିତ ଏହି ଜବାନମାନେ ଯେକୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସକ୍ଷମ। ଓଡିଶା ଓ ଓଡିଶା ବାହାରେ ପ୍ରାକୃତି ବିପର୍ଯ୍ୟୟର ସଫଳ ମୁକାବିଲା କରି ଓଡ୍ରାଫ ବେଶ୍ ପ୍ରଶଂସା ସାଉଁଟିବାରେ ଲାଗିଛି।

## ଆଜିର ରାଶିଫଳ

ତାରିଖ ୨୬.୧୦.୨୦୨୫ — ରବିବାର- ପଞ୍ଚମୀ, ନକ୍ଷତ୍ର- ଜ୍ୟେଷ୍ଠା, ବିଛାଚନ୍ଦ୍ର

| | |
|---|---|
| ମେଷ | : ଚକ୍ଷୁରେ ଆଘାତ ପାଇବେ । |
| ବୃଷ | : ବ୍ୟବସାୟରେ ଲାଭବାନ ହେବେ । |
| ମିଥୁନ | : ବନ୍ଧୁ ଦର୍ଶନ ପାଇବେ । |
| କର୍କଟ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ସିଂହ | : ଠକାମୀରେ ପଡ଼ି କଷ୍ଟ ପାଇବେ । |
| କନ୍ୟା | : କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| ତୁଳା | : ମାତୃ ପ୍ରତି ବିପଦ ରହିଛି । |
| ବିଛା | : ନୂତନ ଚୁକ୍ତିପତ୍ର ସ୍ୱାକ୍ଷର କରିବେ । |
| ଧନୁ | : ବନ୍ଧୁଙ୍କ ସହ କଳହ ହୋଇପାରେ । |
| ମକର | : ବକେୟା ପଡ଼ିଥିବା ଅର୍ଥ ମିଳିବ । |
| କୁମ୍ଭ | : ପ୍ରଶଂସିତ ହେବେ ଓ ବ୍ୟବସାୟରେ ଲାଭବାନ ହେବେ । |
| ମୀନ | : ସ୍ୱାସ୍ଥ୍ୟରେ ଉନ୍ନତି ହେବ । |

# ସହରରେ ଗାଈଗୋରୁ ଓ ବୁଲା କୁକୁରଙ୍କ ଦୌରାତ୍ମ୍ୟକୁ ନେଇ ଅସନ୍ତୋଷ



**ଖଣ୍ଡପଡ଼ା, ୨୫।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ସହରର ମୁଖ୍ୟ ରାସ୍ତା ଓ ଗଳିକନ୍ଦି ରାସ୍ତା ଦୀର୍ଘ ବର୍ଷ ଧରି ଗୋରୁଗାଈ, ଷଣ୍ଢ ଓ ବୁଲା କୁକୁରଙ୍କ କବଜାରେ ରହିଥିବା ଜଣାପଡ଼ିଛି । ସହରର ଗୋପାଳକମାନେ ଗାଈଗୋରୁଙ୍କୁ ଆଉ ଗୁହାଳରେ ବାନ୍ଧି ରଖୁନଥିବାରୁ ସହରର ରାସ୍ତାଘାଟ ଏବେ ଗୁହାଳ ପାଲଟିଥିବା ଜଣାପଡ଼ିଛି । ସେହିପରି ବୁଲା କୁକୁରଙ୍କ ଦୌରାତ୍ମ୍ୟ ମଧ୍ୟ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି । ଯେଉଁଠି ଦେଖିବ ସେଇଠି ଶହଶହ ବୁଲା କୁକୁର ସହରସାରା ବୁଲୁଛନ୍ତି । ବିଭିନ୍ନ ସମୟରେ ବୁଲା କୁକୁରଙ୍କ କାର୍ଯ୍ୟକଳାପ ସହରବାସୀଙ୍କୁ ଅତିଷ୍ଠ କରି ପକାଉଛି । ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଏ ସଂପର୍କରେ ଅବଗତ ଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ସେହିପରି ବଜାରରେ ପନିପରିବା କ୍ରୟ କରିବା ବେଳେ ଟିକିଏ ଅସାବଧାନ ହେଲେ ଗାଈଗୋରୁ ଓ ଷଣ୍ଢଗୁଡ଼ିକ ପରିବା ବ୍ୟାଗ ଛିଡ଼ିନେବା ସହ ଜନସାଧାରଣଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଉଥିବାର ଅନେକ ନଜିର ରହିଛି । ଖଣ୍ଡପଡ଼ାରେ ଏକ କାଞ୍ଜିଆହୁଦା ନିର୍ମାଣ କରି ବୁଲା ଗାଈଗୋରୁଙ୍କୁ ସେଠାରେ ରଖିବା ପାଇଁ ସହରବାସୀ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ ହେଁ ଏନଏସି କର୍ତ୍ତୃପକ୍ଷ ସେଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଅପରପକ୍ଷେ ରାସ୍ତାରେ ଗାଈ, ଷଣ୍ଢ ଓ ବୁଲା କୁକୁରଙ୍କ ରାଜ ଯୋଗୁଁ ପରିବେଶ ନଷ୍ଟ ହେବା ସହ ରାସ୍ତାସାରା ଗୋବରମୟ ହୋଇ ଉଠୁଛି । ମୁଖ୍ୟ ରାସ୍ତାଦେଇ ସହରବାସୀଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଗଲା ବେଳେ ନାକରେ ହାତଦେଇ ଯିବାଆସିବା କରୁଥିବା ନଜରକୁ ଆସୁଛି । ସେହିପରି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ନିମନ୍ତେ ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସା ବିଭାଗ କର୍ତ୍ତୃପକ୍ଷ ଓ ଉକ୍ତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି । ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ସେହିପରି ଗାଈଗୋରୁଙ୍କୁ ରାସ୍ତା ଉପରକୁ ଛାଡୁଥିବା ଗୋପାଳକ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି ।

# ନାବାଳିକା ବଳାତ୍କାର ୫ ମାସ ମଧ୍ୟରେ ରାୟ

**ନିଆଳି, ୨୫।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅଧିନସ୍ତ ଅଁଳ ପଞ୍ଚାୟତରେ ଜଣେ ୭ ବର୍ଷିଆ ନାବାଳିକା ଗତ ମେ' ୨୩ ତାରିଖରେ ଏକୁଟିଆ ଫୁଲ ତୋଳୁଥିବା ବେଳେ ଏହାର ସୁଯୋଗ ନେଇ ସେହି ଗ୍ରାମର ଟୁକୁନା ଭୋଇ (୫୫)ଧମକ ଦେବା ସହ ବଳାତ୍କାର କରିଥିଲା । ଏହି ଘଟଣା କାହାକୁ କହିବନି ବୋଲି କହି ଧମକାଇଥିଲେ । ନାବାଳିକା ଜଣକ ଏହା ପରିବାର ଆଗରେ ପ୍ରକାଶ କରିଥିଲା । ପରିବାର ଲୋକ ନିଆଳି ଥାନାରେ ଅଭିଯୋଗ କରିଥିଲେ । ତତ୍କାଳୀନ ଥାନା ଅଧିକାରୀ ବିଜୟ କୁମାର ମଲିକ୍ ଆସାମୀକୁ ସଙ୍ଗେ ସଙ୍ଗେ ଗିରଫ କରିଥିଲେ । ଘଟଣାର ତଦନ୍ତ ଅଧିକାରି ସଂଯୁକ୍ତା ଖିଲାର ଓ ତତ୍କାଳୀନ ସଦର ଏସ୍‌ଡିପିଓ କିରଣ ହେମ୍ବ୍ରମ ଯଥାଶୀଘ୍ର ତଦନ୍ତ ଶେଷ କରିଥିଲେ । ଏହି ଘଟଣାକୁ ବିଚାର କରି କଟକର ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଆସାମୀ ଟୁକୁନା ଭୋଇକୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଆସାମୀ ଉପରେ ୫୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି । ଜରିମାନା ଅନାଦାୟ ହେଲେ ଆସାମୀ ୨ ବର୍ଷ ଅଧିକ ଜେଲ ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି । ପୀଡିତାକୁ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ୪ ଲକ୍ଷ ଟଙ୍କା କ୍ଷତି ପୂରଣ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ମାମଲାକୁ ଶୁଣାଣି କରି କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ୧୧ ଜଣଙ୍କ ସାକ୍ଷୀ ପୋଲିସ ଦେଇଥିବା ୩୩ଟି ଡକୋମେଣ୍ଟକୁ ଆଧାର କରି ୪ ମାସ ୨୯ ଦିନରେ ମାମଲା ରାୟ ପ୍ରକାଶ ପାଇଛି । ଏହି ରାୟ ଆସିବା ପରେ ପରିବାର ଲୋକ ଆସାମୀକୁ ଫାସୀ ପାଇଁ ଦାବି କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ ।

# ବସ୍ ଡ୍ରାଇଭରଙ୍କ ଦାଦାଗିରିରେ ଯୁବକ ଆହତ

**ଓଡ଼ାପଡ଼ା, ୨୫।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ଲକ୍ଷ୍ମୀ ବସ ଡ୍ରାଇଭରଙ୍କ ଦାଦାଗିରି । ମହିଳା ଯାତ୍ରୀଙ୍କୁ ଦୁର୍ବ୍ୟବହାର ବିରୋଧ କରିବାରୁ ମହିଳାଙ୍କ ସ୍ୱାମୀକୁ ଲକ୍ଷ୍ମୀ ବସ ଡ୍ରାଇଭରଙ୍କ ମରଣାତ୍ମକ ଆକ୍ରମଣ, ନୀତିଦିନ ଯିବାଆସିବା କରୁଥିବା କଲେଜ ଛାତ୍ରଛାତ୍ରୀ ଓ ପଥଚାରୀଙ୍କ ଜୀବନ ବିପଦରେ, ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ନୀରବ । ପ୍ରତ୍ୟେକ ଗାଁ ଓ ବିଭିନ୍ନ ଅଞ୍ଚଳ ସହ ବ୍ଲକକୁ ଯୋଡିବା ପାଇଁ ଗରିବ ଜନସାଧାରଣ ଓ ମହିଳାମାନଙ୍କ ଗମନାଗମନ ସୁବିଧା ପାଇଁ ପୂର୍ବ ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ସୁଦୂରପ୍ରସାରି ଲକ୍ଷ୍ମୀ ବସ ଚଳାଚଳ ଆରମ୍ଭ କରିଥିଲେ । ଯାହାକୁ ବର୍ତ୍ତମାନର ସରକାର ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ବସ ସେବା ନାମରେ ନାମିତ କରିଛନ୍ତି । ତେବେ ଜନସାଧାରଣ ଏଥିରେ ବହୁଳମାତ୍ରାରେ ଉପକୃତ ହେଉଛନ୍ତି । ମାତ୍ର ଏହି ବସ ଗୁଡିକରେ ଅନଭିଜ୍ଞ ଏବଂ କମ ବୟସର ଚାଳକମାନେ ବସଗୁଡିକୁ ଦ୍ରୁତଗତିରେ ଚଳାଇବା ସହ ଅନ୍ୟ ଗାଡି ମୋଟର, ପଥଚାରୀ, ସ୍କୁଲ ବସ ଓ କୋମଳମତି ଛାତ୍ରଛାତ୍ରୀଙ୍କ ଗାଡ଼ିକୁ ସାଇଡ ମାରିବାସହ ଘସିହୋଇ ନେଉଛନ୍ତି । ଫଳରେ ହଜାର ହଜାର ପଥଚାରୀ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ଜୀବନ ବିପଦପୂର୍ଣ୍ଣ ରହୁଥିବାବେଳେ କେତେବେଳେ ଯେ କିଛି ଅଘଟଣ ନ ଘଟିବ କହିହେବନି ବୋଲି ଜନସାଧାରଣରେ ଆଲୋଚନା ହେଉଛି । ବସଗୁଡିକ ବ୍ଲକ ହେଡକ୍ୱାର୍ଟରରେ ରହୁଥିବାରୁ ପ୍ରତ୍ୟେକ ଦିନ ଓଡ଼ାପଡ଼ା ସମେତ ବ୍ଲକର ସବୁ ଅଞ୍ଚଳରୁ ଶହଶହ ମହିଳା ପୁରୁଷ ଓ ଛାତ୍ରଛାତ୍ରୀମାନେ ସକାଳୁ ସନ୍ଧ୍ୟା ଯାଏଁ ଯିବା ଆସିବା କରନ୍ତି । କିନ୍ତୁ ପ୍ରତ୍ୟେକ ଦିନ ଏବେ କିଛି ବସ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିବାରେ ଲାଗିଛି । କେତେବେଳେ ସ୍ଥିରୀକୃତ ବସଷ୍ଟାଣ୍ଡ ଗୁଡ଼ିକରେ ବସ ରହୁନିତ କେତେ ବେଳେ ସମୟ ପୂର୍ବରୁ ଗାଡ଼ି ପଳାଇଯାଉଛି । ଆଉ କେତେ ବେଳେ ବସ୍ କଣ୍ଡକ୍ଟର ସାଧାରଣ ଯାତ୍ରୀ ମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି ତ କେତେବେଳେ ସଧାରଣ ଯାତ୍ରୀଙ୍କୁ ଡ୍ରାଇଭରଙ୍କ ଦାଦାଗିରିର ଶିକାର ହେବାକୁ ପଡୁଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଖୋଦ୍ ଓଡ଼ାପଡ଼ା ବ୍ଲକ୍ ସାମନାରେ । ବସ ଡ୍ରାଇଭରଙ୍କ ମରଣାତ୍ମକ ଆକ୍ରମଣରେ ଆହତ ହୋଇଛନ୍ତି ଜଣେ ସଧାରଣ ଲୋକ । କଥା ଯାଇ ପହଞ୍ଚିଛି ମୋଟଙ୍ଗା ଥାନାରେ‌ଛ ସୁଚନା ଅନୁସାରେ ଗତ ୨୨ ତାରିଖ ଦିନ ପ୍ରୀତି ମଞ୍ଜରୀ ନାୟକ ନିଜ ଯା ଙ୍କ ସହିତ ନିଜ ସମ୍ପର୍କୀୟ ମାଉସୀ ଘର ମାଳିବିଡୋ ଗ୍ରାମକୁ ବୁଲିବାକୁ ଯାଇଥିଲେ । ସେଠାରୁ ଦିନ ପ୍ରାୟ ୨ ଘଟିକା ପରେ ଲକ୍ଷ୍ମୀ ବସରେ କମ୍ ଖର୍ଚ୍ଚରେ ଆସିବା ପାଇଁ ମାଳିବିଡୋ ବସଷ୍ଟାଣ୍ଡରେ ଅପେକ୍ଷା କରିଥିଲେ । ମହିଳାଙ୍କ ଅଭିଯୋଗ ଅନୁସାରେ ବସ ଆସିଲା ସତ କିନ୍ତୁ ବସଷ୍ଟାଣ୍ଡରେ ବସ ନ ରହି ବସ ଟି ୨୦୦ ମିଟର ଆଗରେ ବେପରୁଆ ଭାବେ ରହି ତୁରନ୍ତ ଛାଡ଼ି ଦେବାରୁ, ଦୌଡ଼ି ଦୌଡ଼ି ମଧ୍ୟ ବସ ଧରିପାରିଲେ ନାହିଁ । ବାଧ୍ୟ ହୋଇ ଏକ ଘରୋଇ ଅଟୋରେ ଖର୍ଚ୍ଚାନ୍ତ ହୋଇ ଆସିବାକୁ ବାଧ୍ୟ ହେଲେ । ଘଟଣା ସେତିକିରେ ସରିନଥିଲା । ବସଟି ବ୍ଲକ ପରିସରରେ ପହଞ୍ଚିବା ପରେ ମହିଳାଙ୍କ ସ୍ୱାମୀ ସଞ୍ଜୟ ନାୟକ ଉକ୍ତ ବସ ଡ୍ରାଇଭରଙ୍କୁ କାହିଁକି ବସଷ୍ଟାଣ୍ଡରେ ଗାଡି ନରଖି ଆଗକୁ ଗାଡ଼ି ରଖୁଛ, କିଛି ଲୋକ ଆସି ପାରୁନାହାନ୍ତି ତମେ ସରକାରଙ୍କ ଠାରୁ ଟଙ୍କା ନଉଛ ପୁଣି ଲୋକଙ୍କୁ ଛାଡ଼ି ଆସୁଛ । ଏତିକି ପଚାରିବାରୁ ଓଡ଼ି୦୬ଏନ୍ ୧୩୭୧ ନମ୍ବର ବସର ଚାଳକଙ୍କ ରାଗ ପଞ୍ଚମକୁ ଚଢ଼ିଗଲା । ନିଜର ରାଗକୁ ଆଉ ସମ୍ଭାଳି ନପାରି ମୋ ଇଚ୍ଛା ତୁ କିଏ କହିବାକୁ କହି ସଂଜୟଙ୍କୁ ମରଣାତ୍ମକ ଆକ୍ରମଣ କରି ତାଙ୍କ ମୁହଁ, ନାକ ଓ ବେକ ଫଟେଇ ଦେବା ସହ ଜୀବନରୁ ମାରିଦେବାର ଧମକ ଦେଇଥିବା ଅଭିଯୋଗ ହୋଇଛି । ବାଧ୍ୟହୋଇ ମୋଟଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ସଞ୍ଜୟ । ଏଭଳି ଘଟଣା କିଛି ନୂଆ ନୁହଁ, ଆଗରୁ ମଧ୍ୟ ଲକ୍ଷ୍ମୀ ବସ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପରଙ୍କ ନାମରେ ମାଳମାଳ ଅଭିଯୋଗ ହୋଇ ଆସୁଛି କିନ୍ତୁ ଫଳ ଶୂନ । ଓଡ଼ାପଡ଼ା ବ୍ଲକ୍ ପରିସରରେ ବିଭିନ୍ନ ରୁଟ୍ ପାଇଁ ମୋଟ ୬ ଗୋଟି ବସ ରହିଛି । କମ୍ ଦରମା ଓ ଅଧିକ ମୁନାଫା ଉଦ୍ଦେଶ୍ୟରେ କିଛି ଅନଅଭିଜ୍ଞ କର୍ମଚାରୀ ତଥା ଚାଳକଙ୍କୁ ବିନା କୌଣସି ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ନ କରି ହାତ ଗୁଞ୍ଜା ନେଇ ଜାଣି ଶୁଣି ନିଯୁକ୍ତି ଦେଉଛି ଠିକା ସଂସ୍ଥା । ଯାହାର ପରିଣାମ ବିନା କୌଣସି ସୁରକ୍ଷା ଓ ନିରାପତ୍ତାରେ ଜାତୀୟ ରାଜପଥ ୫୫ ଭଳି ବ୍ୟସ୍ତବହୁଳ ଓ ଦୁର୍ଘଟଣା ପ୍ରବଣ ରାସ୍ତାରେ ଦ୍ରୁତ ଗତିରେ ବେପରୁଆ ଭାବେ ଗାଡ଼ି ଚଳାଉଥିବା କଥା ଅନେକ ଥର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି । ଯେଉଁଥି ପାଇଁ ସଧାରଣ ଯାତ୍ରୀଟିଏ ବସରେ ଯିବାବେଳେ ଭୟଭୀତ ଅବସ୍ଥାରେ ନିଜକୁ ସୁରକ୍ଷିତ ମଣୁନି । ଲକ୍ଷ୍ମୀବସ ଗୁଡ଼ିକର ଦ୍ରୁତଗତି ଗାଡିଚାଳନା ଉପରେ ଅଙ୍କୁଶ ଲଗାଇବାସହ ଅଭିଜ୍ଞ ଚାଳକ ନିଯୁକ୍ତି ଓ ସଡ଼କସୁରକ୍ଷା ନିୟମ ମାନି ଗାଡ଼ି ଚଳାଇବା ସହ ଗାଡିଗୁଡିକ ଯାତାୟତ ସମୟରେ ସତର୍କତା ଅବଲମ୍ବନ ପାଇଁ ତୁରନ୍ତ ପଦକ୍ଷେପ ନେବାପାଇଁ ଓଡ଼ାପଡ଼ା ବ୍ଲକ ପ୍ରଶାସନ ଓ ପୋଲିସ ପ୍ରଶାସନଙ୍କୁ ଜନସାଧାରଣ ଓ ବୁଦ୍ଧିଜୀବି ଦୃଢ଼ ଦାବି କରିଛନ୍ତି ।

# ଦୁଷ୍କର୍ମ ବନ୍ଧା ହେଲେ ହୋମଗାର୍ଡ

**ଢେଙ୍କାନାଳ, ୨୫।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ସମ୍ପର୍କୀୟ ଖୁଡୀକୁ ଦୁଷ୍କର୍ମ ଅଭିଯୋଗରେ ଜଣେ ହୋମଗାର୍ଡ ପୁତୁରା ବାବୀ ଗିରଫ ହୋଇଛନ୍ତି । ଗିରଫ ହୋମଗାର୍ଡ ଜଣଙ୍କ କାମାକ୍ଷାନଗର ଥାନା ବାଲିଗୋରଡ଼ ଗାଁର ଅରବିନ୍ଦ ମଲ୍ଲିକ । ଅରବିନ୍ଦ ନିଜ ସମ୍ପର୍କୀୟ ଖୁଡୀକୁ ଏକାକୀ ପାଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଯାହାକୁ ନେଇ ପୀଡିତା ଖୁଡୀ ଜଣଙ୍କ କାମାକ୍ଷାନଗର ଥାନାରେ ଦ୍ୱାରସ୍ତ ହୋଇଥିଲେ । ତେବେ ଅଭିଯୋଗକୁ ଆଧାର କରି ପୋଲିସ ଅଭିଯୁକ୍ତ ହୋମଗାର୍ଡ ପୁତୁରାକୁ ବାନ୍ଧି କୋର୍ଟ ଚାଲାଣ କରିଛି । ଏପରିକି ପୀଡିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି । ଏଥି ପୂର୍ବରୁ ତାଙ୍କ ନାମରେ କାମାକ୍ଷାନଗର ଥାନାରେ କେସ୍ ରୁଜୁ ହୋଇଛି । ଏବେ ତାଙ୍କ ନାମରେ ୫ଟି କେସ୍ ଥିବାବେଳେ କେମିତି ଚାକିରି କରୁଥିଲେ ତାହା ସମସ୍ତଙ୍କୁ ଚକିତ କରିଛି । ସେ ହୋମଗାର୍ଡ ଚାକିରି ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଫାଣ୍ଡିରେ ରହି ପୋଲିସ୍ ଅଧିକାରୀଙ୍କ ସହାୟତାରେ ଦେଶୀ ଓ ବିଦେଶୀ ମଦବେପାରି, ଗୋ ଚାଲାଣ, ପାଲି, ବାଲି ଓ ମାଙ୍କଡା ପଥର ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କ ଠାରୁ ପୋଲିସ୍ ଅଧିକାରୀଙ୍କ ନାମ କହି ବ୍ୟାପକ ଅର୍ଥ ଆଦାୟ କରି ଜିଲ୍ଲାରେ ବିଭିନ୍ନ ଜାଗାରେ ଗୃହ ନିର୍ମାଣ ଓ ଏକାଧିକ ପ୍ଲଟ୍ ମଧ୍ୟ ରହିଛି । କିଛି ପୋଲିସ୍ ଅଧିକାରୀଙ୍କ ସହଯୋଗରେ ମାନ୍ୟବର ଅଦାଲତରୁ ଆଗୁଆ ଜାମିନୀ ପାଉଥିଲେ । ଏବେ ଅଭିଯୋଗକାରୀ ଖୁଡୀ ଅଦାଲତର ଦ୍ୱାରସ୍ଥ ହେବାରୁ ଏଭଳି ଅଭ୍ୟାସଗତ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଆଦେଶ ଦେଇଥିଲେ । କୋର୍ଟର ଆଦେଶ କ୍ରମେ କାମାକ୍ଷାନଗର ଥାନା ଅଧିକାରୀ ଆଶିଷ କୁମାର ଜେନା ଅରବିନ୍ଦ ମଲ୍ଲିକ୍ (ବାବି)କୁ ଗିରଫ କରିଛନ୍ତି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କାମାକ୍ଷାନଗର ଜେଲ୍‌କୁ ପଠାଇ ଦିଆଯାଇଛି ଓ ଜଣେ ହୋମଗାର୍ଡ ଚାକିରି କରି ଲକ୍ଷ ଲକ୍ଷ ଟଙ୍କାର ମାଲିକ ହୋଇଥିବା ନେଇ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି । ତାଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରିବା ପାଇଁ ସର୍ବ ସାଧାରଣରେ ଦାବି ହୋଇଛି ।

# ବ୍ଲକ୍ ପ୍ରଶାସନର ସେବାରେ ଲୋକେ ଅସନ୍ତୁଷ୍ଟ

**ନିଶ୍ଚିନ୍ତକୋଇଲି, ୨୫।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆ ଭାଜପା ସରକାର ଆସିବା ପରେ ସାଧାରଣ ଲୋକଙ୍କର ଧାରଣା ଥିଲା ଯେ ଲୋକେ ପ୍ରଶାସନିକ ସେବା ଠିକ୍ ଢଙ୍ଗରେ ପାଇବେ ଏବଂ ଲୋକ କଲ୍ୟାଣ ଯୋଜନା ଗୁଡ଼ିକ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହେବ । ଭାଜପା ସରକାର ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ନୟନ ମୂଳକ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଲୋକେ ଯେପରି ସନ୍ତୋଷଜନକ ସେବା ପାଇପାରିବେ ସେ ନେଇ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି । ଏହାକୁ ଲୋକେ ସ୍ୱାଗତ ଜଣାଇଛନ୍ତି ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକ୍ ପ୍ରଶାସନର ସେବା ଉପରେ ସାଧାରଣ ଲୋକେ ଖୁବ୍ ଅସନ୍ତୋଷ ବ୍ୟକ୍ତ କରି ଚାଲିଛନ୍ତି । ଉନ୍ନୟନ କାମରେ ବ୍ୟାପକ ସରକାରୀ ପିସି ବ୍ଲକରେ ନିଆଯିବା, ସରକାରଙ୍କର ଜନକଲ୍ୟାଣକର ଯୋଜନା ଗୁଡ଼ିକର ତଥ୍ୟ ଗଣମାଧ୍ୟମକୁ ନ ଦେବା ପରି ସମ୍ବେଦନଶୀଳ ପ୍ରସଙ୍ଗ ଗୁଡ଼ିକ ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି । ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଞ୍ଚାୟତରେ ଲୋକ କଲ୍ୟାଣ ଯୋଜନା ଗୁଡ଼ିକରେ ସାଧାରଣ ଲୋକେ ପ୍ରକୃତ ପକ୍ଷେ କେତେ ଉପକୃତ ହୋଇଛନ୍ତି ଏହା ଉପରେ ସ୍ୱତନ୍ତ୍ର ଅନୁଧ୍ୟାନ ହେବା ଦରକାର । ପଞ୍ଚାୟତିରାଜ ସଚିବ ଏଥିପ୍ରତି ସଦୟ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳରେ ସରକାରୀ ସେବା ଖଇଚିଆ ଅବସ୍ଥାରେ ଥିବାରୁ ଲୋକେ ବିଭିନ୍ନ କଥାକୁ ଚର୍ଚ୍ଚାକୁ ଆଣିଛନ୍ତି । ସୂଚନାଯୋଗ୍ୟ ନିଶ୍ଚିନ୍ତକୋଇଲି ହାଟ ପାଖରେ ଗୋଟିଏ ଡ୍ରେନ୍ ଦୀର୍ଘ ଦିନ ଧରି ମୁକୁଳା ପଡ଼ିଛି, ପଚା ଉତ୍କଟ ଗନ୍ଧ ଓ ପୋକ ସାଲୁବାଲୁ ଅବସ୍ଥାକୁ ଦେଖିଲେ ବ୍ଲକ୍ ପ୍ରଶାସନର ପାରିବା ପଣିଆ ଉପର ସ୍ୱତଃ ପ୍ରଶ୍ନ ଉଠୁଛି । ସେହିପରି ତାରିଣୀ ମନ୍ଦିର ଏବଂ ହନୁମାନ ମନ୍ଦିର ନିକଟରେ ବର୍ଷାପାଣି ନିଷ୍କାସନ ହୋଇ ନପାରିବାରୁ ପରିବେଶ ଅତ୍ୟନ୍ତ ଦୂଷିତ ଅବସ୍ଥାରେ ରହିଛି । ବ୍ଲକ୍ ପ୍ରଶାସନର ଆଖି ଆଗରେ ଏହି ସମସ୍ୟାର ଯଦି ସମାଧାନ ହୋଇପାରୁନାହିଁ, ତେବେ ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ସମସ୍ୟା ବିଶେଷକରି ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଏବଂ ଚିତ୍ରୋତ୍ପଳା - ମହାନଦୀ ଦୋଆବ ଅଞ୍ଚଳରେ ଥିବା ସମସ୍ୟାଗୁଡ଼ିକ ଲୋକଙ୍କୁ କେତେ ଯେ କଷ୍ଟ ଦେଉଥିବ ତାହାର ଅନୁସନ୍ଧାନ ଆବଶ୍ୟକ । ବ୍ଲକ୍ ପ୍ରଶାସନର କେଉଁ ଅଧିକାରୀ କିପରି ଢଙ୍ଗରେ କାର୍ଯ୍ୟ କରୁଛନ୍ତି ଏହା ଉପରେ ପଞ୍ଚାୟତିରାଜ ସଚିବ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇ ଆସୁଛି ।



ନେଦରଲାଣ୍ଡରେ ଆଇସିବିଏ ପକ୍ଷରୁ ଆୟୋଜିତ ସମବାୟ ଓ ଆନ୍ତର୍ଜାତିକ ଆଇନ୍ ସମ୍ପର୍କୀତ ଆଲୋଚନାଚକ୍ର ଅବସରରେ ମୁଖ୍ୟ ଅତିଥି ତଥା ଆନ୍ତର୍ଜାତିକ ଅଦାଲତର ବିଚାରପତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସିବିଏ ଅଧ୍ୟକ୍ଷ ଭୀମା ସୁବ୍ରମନ୍ୟମ

# ମାଫିଆଙ୍କ କବ୍‌ଜାରେ ଗ୍ରାମ୍ୟ ଜଙ୍ଗଲ ଜମି

**ବୈଶିଙ୍ଗା, ୨୫।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଅସନ୍ତୁଳିତ ପରିବେଶକୁ ରକ୍ଷା କରିବା ପାଇଁ ସରକାରଙ୍କ କେତେ କେତେ ଯୋଜନା କରାଯାଉଛି ଏବଂ ଏଥିପାଇଁ କୋଟି କୋଟି ଟଙ୍କା ରାଜ୍ୟ ଏବଂ କେନ୍ଦ୍ର ରାଜକୋଷରୁ ଖର୍ଚ୍ଚ ହେଉଛି । ନୂତନ ଜଙ୍ଗଲ ସୃଷ୍ଟି କରିବା, ଧ୍ୱଂସ ତଥା ଅବହେଳିତ ଜଙ୍ଗଲକୁ ରକ୍ଷାକରିବା, ଖାଲି ପଡିଥିବା ଜଙ୍ଗଲ ଜମିରେ ନୂତନ ଚାରାରୋପଣ କରି ଦିନ ମଜୁରିଆଙ୍କୁ ସାଧନ ଯୋଗାଇବା ଦ୍ୱାରା କର୍ମ ସଂସ୍ଥାନ ବଢିବା ସାଙ୍ଗକୁ ବେରୋଜଗାର ଦୂର ହେବା ସହ ନୂତନ ଜଙ୍ଗଲ ସୃଷ୍ଟି ହୋଇ ପାରୁଛି । ଯଦ୍ୱାରା ପରିବେଶ ପ୍ରଦୂଷଣରୁ ମୁକ୍ତ ହୋଇପାରିବ । ମାତ୍ର କିଛି ମାଫିଆଙ୍କ ଦ୍ୱାରା ଜଙ୍ଗଲ ଜମି ନିଜ ଅକ୍ତିଆରକୁ ନେଇ ସେଥିରେ ଅଟ୍ଟାଳିକା,



ପାର୍କ, ବ୍ୟବସାୟ ପେଣ୍ଠ ଆଦି ତିଆରି କରିବା ଦ୍ୱାରା ଜଙ୍ଗଲ ସୃଷ୍ଟିରେ ବାଧା ଉପୁଜୁଛି । ଏଭଳି କିଛି ଘଟଣା ବୈଶିଙ୍ଗା ବନାଞ୍ଚଳ ଅଧିନରେ ଥିବା ରଙ୍ଗାମାଟିଆ ସଂରକ୍ଷିତ ଜଙ୍ଗଲରେ ଘଟିଥିବା ଘଟଣାକୁ ନେଇ ଓଡ଼ିଶା ସରକାରଙ୍କ ମାନ୍ୟବର ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମୟୂରଭଞ୍ଜ ଜିଲ୍ଲା ବନଖଣ୍ଡ ଅଧିକାରୀ, ବେତନଟୀ ରେଞ୍ଜ ଅଧିକାରୀଙ୍କୁ ଅବଗତ କରା ଯାଇଥିଲା । ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରଙ୍ଗାମାଟିଆ ମୌଜା ଏବଂ ବୈଶିଙ୍ଗା ମୌଜାରେ ଜବରଦଖଲ କାରୀମାନେ ପକ୍କା ଘର ନିର୍ମାଣ କରି ସାଧାରଣ ବ୍ୟବସାୟୀଙ୍କୁ ଉଡା ସୂତ୍ରରେ ଦେବା ବ୍ୟତୀତ ମୂଲ୍ୟବାନ ଏହି ଜଙ୍ଗଲ ଜମିକୁ ଅନ୍ୟକୁ ବିକ୍ରୀ କରି ଦେଇଥିବା ଜଣାଯାଇଛି । ବୈଶିଙ୍ଗା ଗ୍ରାମ୍ୟ ଜଙ୍ଗଲରେ ମଧ୍ୟ ଜବରଦଖଲକାରୀମାନେ ପୁରା ଜନବସତି ସୃଷ୍ଟି କରିଦେଇଛନ୍ତି । ଏହା ଦ୍ୱାରା ଜଙ୍ଗଲ ଜମି ଧିରେ ଧିରେ ନଷ୍ଟ ହୋଇ ଚାଲିଛି । ଏହାକୁ ରୋକା ନ ଗଲେ ଅନ୍ୟ ବ୍ୟକ୍ତିବିଶେଷ ମଧ୍ୟ ଜଙ୍ଗଲ ଜମି ଜବରଦଖଲ କରିବାକୁ ଅପଚେଷ୍ଟା କରିପାରନ୍ତି । ଆହୁରି ଅନେକ ସମାଜସେବୀ ମଧ୍ୟ ଏହାକୁ ବିରୋଧ କରି ଜଙ୍ଗଲ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାର ଜଣାଯାଇଛି । ଆମ୍ଭ ପ୍ରତିନିଧି ଏହି ଅଭିଯୋଗ ପାଇବାପରେ ରେଞ୍ଜ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ । ସେ କହିଲେ ଗ୍ରାମବାସୀଙ୍କ ଅଭିଯୋଗ ମିଳିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛି । ତେବେ ତଦନ୍ତ ପରେ ଏହାର କାର୍ଯ୍ୟାନୁଷ୍ଠାନ କ'ଣ ଗ୍ରହଣ କରାଯାଇଛି ତା'ର ଉତ୍ତର ମିଳିନାହିଁ ।

# ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବ୍ରହ୍ମପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ସମର ଶିକ୍ଷାର୍ଥୀବାହିନୀ (ଏନସିସି)ରେ କାର୍ଯ୍ୟରତ ଜଣେ କର୍ମଚାରୀ ନିଜକୁ ରାଜନେତାଙ୍କ ପାଖ ଲୋକ କହି ବିଭାଗର କର୍ମଚାରୀଙ୍କୁ ଦୁର୍ବ୍ୟବହାର ଓ ମନମୁଖୀ କାର୍ଯ୍ୟ କରୁଥିବା ସାଙ୍ଗକୁ ଉତ୍କୋଚ ନଦେଲେ କୌଣସି କାର୍ଯ୍ୟ ହେବ ନାହିଁ ବୋଲି ଧମକ ଦେଉଥିବା ଅଭିଯୋଗ ହେଉଛି । ବାବୁ ଜଣକ କୁଆଡେ କର୍ମଚାରୀଙ୍କ ଛୁଟି ମଞ୍ଜୁର, ପଦୋନ୍ନତି, ଆରଏସିପି, ଏମଏସିପି, ଏଚବିଏଲ, ଅବସର ପ୍ରାପ୍ତ କର୍ମଚାରୀଙ୍କ ପେନସନ ମଞ୍ଜୁର କରିବା ପାଇଁ ମୋଟା ଅଙ୍କର ଉତ୍କୋଚ ଦାବି କରୁଛନ୍ତି ବୋଲି କର୍ମଚାରୀ ମହଲରେ ଚର୍ଚ୍ଚା ହେଉଛି । ଏନସିସି ଶିବିରର ଅର୍ଥ ମଞ୍ଜୁର କରିବା ପାଇଁ ମଧ୍ୟ ୧୦% ଉତ୍କୋଚ ଦାବି କରୁଥିବା କୁହାଯାଉଛି । ଉକ୍ତ ବାବୁ ଜଣକ ଓଡିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଥିବାବେଳେ ବହୁ ଦୁର୍ନୀତିରେ ଲିପ୍ତ ଥିବା ଉପଲବ୍ଧି କରି ସେତେବେଳେ ସରକାର ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ । ଯାହାଫଳରେ ତାଙ୍କୁ ସେଠାରୁ ବଦଳି କରାଯାଇଥିଲା । ରାଜ୍ୟ ସରକାର ଓ ଭାରତ ସରକାରଙ୍କ ପ୍ରତିରକ୍ଷା ଅଧୀନରେ ଆସୁଥିବା ଏନସିସି ବିଭାଗ ଏକ ଗୁରୁତ୍ୱ ବିଭାଗ ହୋଇଥିବାରୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ରାହାଜାନି : ଅଭିଯୁକ୍ତଙ୍କୁ ଜେଲ ଦଣ୍ଡ

**ମାହାଙ୍ଗା, ୨୫।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୨୦୨୪ ମସିହା ନଭେମ୍ବର ୨୬ ତାରିଖରେ କୁଆଁପାଳ ଛତିଆ ରାସ୍ତାର କୋଠପଦା ବଡପୋଲ ନିକଟରେ ଏକ ରାହାଜାନି ଘଟଣାରେ ମାହାଙ୍ଗା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଥାନା କେସ ନଂ ୩୧୭/୨୪ରେ ମାହାଙ୍ଗା ଜେଏମଏଫସି ଅଦାଲତକୁ ଚାଲାଣ କରିଥିଲେ । ଜିଆର କେସ ନଂ୧୭/୨୪ରେ ଏହି ମାମଲାର ଶୁଣାଣି ଜାରୀ ରହିଥିଲା । ଏହି ଘଟଣାର ମାହାଙ୍ଗା ଜେଏମଏଫସି ବିଚାରପତି ଶର୍ମିଷ୍ଠା ଜେନା ବିଚାର କରି ଅଭିଯୁକ୍ତ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ପତରାଜପୁର ଗ୍ରାମର ସୁନାକର ନାୟକ(୨୪), ଚନ୍ଦନ ନାୟକ(୨୩) ଓ କେନ୍ଦ୍ରପଡା ଜିଲ୍ଲା ଗରାପୁର ଗ୍ରାମର ତ୍ରିଲୋଚନ ପାତ୍ର (୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡ ଶୁଣାଇଛନ୍ତି । ଅର୍ଥ ଅନାଦେୟ ହେଲେ ଆଉ ୪ ମାସ ଅତିରିକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାରେ ସରକାରୀ ଓକିଲ ମାନସ କୁମାର ଦାସ ଓ ପ୍ରମୋଦ କୁମାର ବାରିକ ପରିଚାଳନା କରିଥିଲେ ।

# ଇଥାନଲ ପ୍ଲାଣ୍ଟକୁ ନେଇ ଦାନା ବାନ୍ଧୁଛି ଅନ୍ଦୋଳନ

**ବରଗଡ଼, ୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହାଠାରେ ନିର୍ମିତ ଇଥାନଲ ପ୍ଲାଣ୍ଟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି । ଏହି ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତି ନ ଥିବାବେଳେ ଏବେ ଉକ୍ତ ପ୍ଲାଣ୍ଟରୁ ନିଷ୍କାସିତ ବର୍ଜ୍ୟବସ୍ତୁ ଗାଁ ପୋଖରୀରେ ମିଶି ପାଣିକୁ ପ୍ରଦୂଷିତ କରୁଥିବା ଯୋଗୁ ଅସନ୍ତୋଷ ବଢିବାରେ ଲାଗିଛି । ଏହାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଛି ।



ସୂଚନା ଅନୁଯାୟୀ, ବାଉଲସିଂହାରେ ପ୍ରାୟ ୧୫୫୭ କୋଟି ଟଙ୍କା ବ୍ୟୟ ଅଟକଳରେ ଇଥାନଲ ପ୍ଲାଣ୍ଟ ସ୍ଥାପିତ ହୋଇଛି । ଉକ୍ତ ପ୍ଲାଣ୍ଟ ହେବା ପୂର୍ବରୁ ଚାଷୀମାନେ ସେମାନଙ୍କ ନଡ଼ା ବିକି ଉପକୃତ ହେବେ । ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତି ଦିଆଯିବ ଏବଂ ପାର୍ଶ୍ୱବର୍ତ୍ତୀ ଉନ୍ନୟନ କରାଯିବ ବୋଲି ଅଞ୍ଚଳବାସୀଙ୍କୁ କୁହାଯାଇଥିଲା । ତେବେ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଯିବା କିମ୍ବା ପାର୍ଶ୍ୱବର୍ତ୍ତୀ ଉନ୍ନୟନ ତ ଦୂରର କଥା, ପ୍ଲାଣ୍ଟରୁ ନିର୍ଗତ ବର୍ଜବସ୍ତୁ ଏବଂ ଦୂଷିତ ପାଣି ଗାଁର ଏକମାତ୍ର ପୋଖରୀରେ ପଶି ପ୍ରଦୂଷିତ କରିବା ସହିତ ଅଞ୍ଚଳର ଚାଷଜମିକୁ ମଧ୍ୟ ନଷ୍ଟ କରୁଥିବା ଅଭିଯୋଗ ହୋଇଛି । ପ୍ଲାଣ୍ଟରୁ ନିର୍ଗତ ଦୂଷିତ ପାଣି ପୋଖରୀରେ ମିଶୁଥିବା ଯୋଗୁ ଚାଷ କରାଯାଇଥିବା ମାଛ ମରି ଯାଉଥିବାବେଳେ ପାଣି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ଗ୍ରାମର ଜଣେ ମହିଳା ଜୟନ୍ତୀ ରୋହିଦାସ କହିଛନ୍ତି, ପ୍ଲାଣ୍ଟରୁ ନିର୍ଗତ ଦୂଷିତ ପାଣି ଦୀର୍ଘଦିନ ହେଲା ଗାଁ ପୋଖରୀରେ ମିଶୁଛି । ଫଳରେ ପୋଖରୀ ପାଣି ଦୂଷିତ ହେଉଛି । ସେହି ପାଣି ବ୍ୟବାହାର କରି ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । ସେହିପରି ଅନ୍ୟ ଜଣେ ଗ୍ରାମବାସୀ ରୋହିତ ବିଶ୍ୱାଳ କହିଛନ୍ତି, ଗ୍ରାମରେ ଏକମାତ୍ର ପୋଖରୀ ରହିଛି । ସେହି ପୋଖରୀ ଉପରେ ଗ୍ରାମବାସୀ ନିର୍ଭର କରୁଛନ୍ତି । ପ୍ଲାଣ୍ଟରୁ ନିଷ୍କାସିତ ପାଣି ଗାଁ ପୋଖରୀକୁ ଛଡ଼ାଯାଉଛି । ଫଳରେ ପାଣି ଦୂଷିତ ହେବା ସହିତ ଆଖପାଖ ଚାଷଜମି ମଧ୍ୟ ପ୍ରଭାବିତ ହେଉଛି । ଏ ନେଇ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ କିଛି ପଦକ୍ଷେପ ନିଆଯାଉ ନ ଥିବାବେଳେ ସ୍ଥାନୀୟ ଜନପ୍ରତିନିଧି ମଧ୍ୟ ସେଥିପ୍ରତି ଆଖିବୁଜି ଦେଇଥିବା ସେ ଅଭିଯୋଗ କରଛନ୍ତି । ଅନ୍ୟପକ୍ଷେ ବରଗଡ଼ର ଜୟ କିଷାନ ଆନ୍ଦୋଳନ ଏବଂ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଏକ ପ୍ରତିନିଧି ଦଳ ଗୁରୁବାର ସମ୍ପୃକ୍ତ ପୋଖରୀ ପରିଦର୍ଶନ ସହିତ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ । ପ୍ଲାଣ୍ଟରୁ ନିଷ୍କାସିତ ତରଳ ଦ୍ରବଣ ଛାଡ଼ି ଦିଆଯାଇଥିବା ଯୋଗୁ ପୋଖରୀ ପାଣି ବିଷାକ୍ତ ହୋଇ ପଡ଼ିଥିବା ସେମାନେ ଜାଣିବାକୁ ପାଇଥିଲେ । ତେବେ ଏକମାସ ହେଲା ପୋଖରୀ ପାଣି ଏଭଳି ଦୂଷିତ ହେବା ସହିତ ମାଛ ମରିଯାଉଥିବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଏହି ପ୍ରତିନିଧି ଦଳ ଉଦ୍ବେଗ ପ୍ରକାଶ କରିଥିଲେ । ପରୀକ୍ଷାମୂଳକ ଭାବେ ପ୍ଲାଣ୍ଟ ଚାଲିବା ସମୟରେ ଯଦି ଏଭଳି ସମସ୍ୟା ଉପୁଜିଛି, ପ୍ଲାଣ୍ଟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ସମସ୍ୟା ଆହୁରି ଜଟିଳ ହେବ ବୋଲି ଉକ୍ତ ପ୍ରତିନିଧି ଦଳ ଆଶଙ୍କା ବ୍ୟକ୍ତ କରିବା ସହିତ ବେଳ ଥାଉ ଥାଉ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏହି ପ୍ରତିନିଧି ଦଳରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଅରୁଣ କୁମାର ସାହୁ, ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶିଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆ, ଶ୍ରୀମୁଖ ସାହୁ, କିଶୋର ସାହୁ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ । ତେବେ ଏ ସମ୍ପର୍କରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଜଣାଇଛନ୍ତି ।

**:** ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ କ୍ରେତାଙ୍କ ପାଇଁ ମଧ ସମସ୍ୟା ସୃଷ୍ଟି କରିବ । ନାବାଳକ ସନ୍ତାନ ଥାଇ କିମ୍ବା ପରବର୍ତ୍ତୀ ସମୟରେ ଯଦି ସେ ବ୍ୟକ୍ତିଙ୍କର କୌଣସି ସନ୍ତାନ ସନ୍ତତି ହୁଅନ୍ତି ସେମାନେ ମଧ ବାପାଙ୍କ ବିକ୍ରିକୁ ଅବୈଧ ବୋଲି କହି ମାମଲା କରିପାରନ୍ତି । ତେଣୁ ଏହା କ୍ରେତାଙ୍କ ପାଇଁ ମଧ ଏକ ବିରାଟ ପ୍ରଶ୍ନବାଚୀ। ଜଣେ କୋଟି କୋଟି ଟଙ୍କାରେ ଜମି କିଣିବା ପରେ ଯଦି ବିକ୍ରି କରିଥିବା ବ୍ୟକ୍ତିଙ୍କ ନାବାଳକ ପିଲାଏ ସାବାଳକ ହେବା ପରେ ଏହାକୁ ଅବୈଧ ବୋଲି କହି ମାମଲା କରନ୍ତି ତା'ହେଲେ କିଣିଥିବା ବ୍ୟକ୍ତିଜଣକ ସେ ସମ୍ପତ୍ତି ହରାଇପାରନ୍ତି । ତେଣୁ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ଉଭୟ ବିକ୍ରେତା ଓ କ୍ରେତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ତେଣୁ ଜମିବାଡ଼ିର କିଣାବିକା କରିବାକୁ ଲୋକେ ଭୟ କରିବେ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୬ ଅକ୍ଟୋବର ୨୦୨୫ | ରବିବାର


## ଓଡ଼ିଶା ଏକ୍ସପ୍ରେସ୍

## ଭୂ-ସମ୍ପତ୍ତି ଥାଇ ଲାଭ କ'ଣ ?

ସୁପ୍ରିମକୋର୍ଟଙ୍କ ଏକ ନିଷ୍ପତ୍ତିକୁ ନେଇ ଲୋକଙ୍କ ମନରେ ଏବେ ଦ୍ୱନ୍ଦ ସୃଷ୍ଟି ହୋଇଛି । ବାପା ବିକ୍ରି କରିଥିବା ଜମି ପିଲାମାନେ ଖାରଜ କରିପାରିବେ । ଜମି ବିକ୍ରି ସମୟରେ ଯଦି ପିଲାମାନେ ନାବାଳକ ଥାଆନ୍ତି ସେମାନେ ସାବାଳକ ହେବା ପରେ ସେ ବିକ୍ରିକୁ ଚ୍ୟାଲେଞ୍ଜ କରିପାରିବେ । ଏପରିକି ଉକ୍ତ ସମ୍ପତ୍ତିକୁ ସନ୍ତାନମାନେ ଅନ୍ୟ କାହାରିକୁ ମଧ ବିକ୍ରି କରିଦେଇପାରିବେ । ତେଣୁ ସନ୍ତାନ ନାବାଳକ ଥିବା ସମୟରେ ପିତାମାତା ଯଦି କାହାକୁ ସମ୍ପତ୍ତି ବିକ୍ରି କିମ୍ବା କାହାକୁ ହସ୍ତାନ୍ତର କରିବାକୁ ଚାହୁଁଥାନ୍ତି ତେବେ ଏଥିପାଇଁ ଏକ ମକଦ୍ଦମା କରିବା ଦରକାର । ମକଦ୍ଦମା ମାଧମରେ ବିକ୍ରି କିମ୍ବା ହସ୍ତାନ୍ତର କରାଯାଇଥିଲେ ଏହା ବୈଧ ବିବେଚିତ ହେବ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି ।

ଏଇଠି ବିଭିନ୍ନ ପ୍ରଶ୍ନ ଲୋକଙ୍କ ମନକୁ ଆସିପାରେ- ଜମି ଏବଂ ଭୂ-ସମ୍ପତ୍ତି ଥାଇ ଯଦି ଅସମୟରେ ତାକୁ ବିକ୍ରି କରିନହେବ ତା'ହେଲେ ସମ୍ପତ୍ତି ଥାଇ ଲାଭ କ'ଣ? ଆମ ଦେଶରେ ଜମିବାଡ଼ି କାଗଜପତ୍ର ସଜାଡ଼ିବା ପାଇଁ କେତେ ସମୟ ଲାଗେ ଏକଥା କାହାକୁ ଅଜଣା ନାହିଁ । ହଠାତ୍ ଯଦି କାହାର କିଛି ଶାରୀରିକ ଅସୁସ୍ଥତା ହୁଏ କିମ୍ବା ବଡ଼ ଧରଣର ଅସ୍ତ୍ରୋପଚାର ପାଇଁ ଟଙ୍କାର ଆବଶ୍ୟକତା ପଡ଼େ ସେତବେଳେ କ'ଣ କରାଯିବ? ସବୁ ଲୋକଙ୍କ ପାଖରେ ତ ବ୍ୟାଙ୍କରେ ଗଚ୍ଛିତ ଟଙ୍କା ନଥାଏ, ତେଣୁ ସେମାନେ ଜମିବାଡ଼ି ବିକ୍ରି କରି ହିଁ ଏସବୁ ଟଙ୍କା ଯୋଗାଡ଼ କରନ୍ତି । ତେଣୁ ଏଇ ସମୟରେ ଯଦି ସନ୍ତାନମାନେ ନାବାଳକ ଥିବେ ତା'ହେଲେ କ'ଣ କରାଯିବ? ରୋଗବ୍ୟାଧି କ'ଣ ଅପେକ୍ଷା କରିବ ପିଲାଏ ସାବାଳକ ହେବା ଯାଏଁ? ତା'ପରେ ଯାଇ ଚିକିତ୍ସା ପାଇଁ ଜମି ବିକ୍ରି ହେବ?

ଆଉ ଏକ ପ୍ରଶ୍ନ ଏବଂ ଦ୍ୱନ୍ଦ ହେଉଛି- ଯେଉଁ ଲୋକଙ୍କର ନାବାଳକ ସନ୍ତାନ ଥିବେ ସେମାନଙ୍କ ଜମି କିଣିବାକୁ କେହି ବୋଧେ ରାଜି ହେବନି? କିଏ କାହିଁକି ସମସ୍ୟାରେ ପଡ଼ିବାକୁ ଚାହିଁବ? ତା'ଛଡ଼ା ଆମ ଦେଶରେ ଜମିବାଡ଼ି ସମ୍ପର୍କିତ କିଣାବିକାରେ ଅସାଧୁତା ଅଧିକ ଦେଖିବାକୁ ମିଳେ। ଗୋଟିଏ ଜାଗାକୁ ଜଣେ ବ୍ୟକ୍ତି ୪ଜଣ ଲୋକଙ୍କୁ ମଧ ବିକ୍ରି କରିଥିବାର ନଜିର ରହିଛି ।

ସୁପ୍ରିମ୍‌କୋର୍ଟଙ୍କ ରାୟର ଅନ୍ୟ ଏକ ପଟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଲୋକଙ୍କ ପାଇଁ ଖୁବ୍ ସୁରକ୍ଷିତ । ବେଳେବେଳେ ମଦୁଆ ବାପାଜଣକ ମଧ ପିଲାଙ୍କ ଭବିଷ୍ୟତକୁ ନଦେଖି ଜମିବାଡ଼ି ବିକି ଦେଇଥାନ୍ତି । ମଦ ପିଇବାରେ ସବୁ ଉଡ଼େଇ ଦିଅନ୍ତି । ଏକ୍ଷେତ୍ରରେ ସୁପ୍ରିମ୍‌କୋର୍ଟଙ୍କ ରାୟ ପିଲାମାନଙ୍କୁ ଖୁବ୍ ସୁରକ୍ଷା ଯୋଗାଇବ ।

ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ କ୍ରେତାଙ୍କ ପାଇଁ ମଧ ସମସ୍ୟା ସୃଷ୍ଟି କରିବ । ନାବାଳକ ସନ୍ତାନ ଥାଇ କିମ୍ବା ପରବର୍ତ୍ତୀ ସମୟରେ ଯଦି ସେ ବ୍ୟକ୍ତିଙ୍କର କୌଣସି ସନ୍ତାନ ସନ୍ତତି ହୁଅନ୍ତି ସେମାନେ ମଧ ବାପାଙ୍କ ବିକ୍ରିକୁ ଅବୈଧ ବୋଲି କହି ମାମଲା କରିପାରନ୍ତି । ତେଣୁ ଏହା କ୍ରେତାଙ୍କ ପାଇଁ ମଧ ଏକ ବିରାଟ ପ୍ରଶ୍ନବାଚୀ। ଜଣେ କୋଟି କୋଟି ଟଙ୍କାରେ ଜମି କିଣିବା ପରେ ଯଦି ବିକ୍ରି କରିଥିବା ବ୍ୟକ୍ତିଙ୍କ ନାବାଳକ ପିଲାଏ ସାବାଳକ ହେବା ପରେ ଏହାକୁ ଅବୈଧ ବୋଲି କହି ମାମଲା କରନ୍ତି ତା'ହେଲେ କିଣିଥିବା ବ୍ୟକ୍ତିଜଣକ ସେ ସମ୍ପତ୍ତି ହରାଇପାରନ୍ତି । ତେଣୁ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ଉଭୟ ବିକ୍ରେତା ଓ କ୍ରେତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ତେଣୁ ଜମିବାଡ଼ିର କିଣାବିକା କରିବାକୁ ଲୋକେ ଭୟ କରିବେ । ତେଣୁ ସୁପ୍ରିମ୍‌କୋର୍ଟଙ୍କ ଏ ରାୟ ଲୋକଙ୍କ ପାଇଁ କେତେ ଲାଭଦାୟକ ହେବ ସେଇଟା ହିଁ ମୂଳ ପ୍ରଶ୍ନ । ଏ ବାବଦରେ ଆହୁରି ସ୍ୱଷ୍ଟତାର ଆବଶ୍ୟକତା ରହିଛି ।

# ସମ୍ପର୍କ ସେତୁ କେତେ ସୁଦୃଢ଼



## ମୂଲ୍ୟବୋଧ

**ଅରବିନ୍ଦ ରାଉତରାୟ**

ଜଣଙ୍କ ପ୍ରତି ଅନ୍ୟ ଜଣକର ଭାବନାକୁ ଯୋଡିବା ହିଁ ସମ୍ପର୍କ । ସେ ଭାବନା ମଧୁର ଓ ସୁମଧୁର, ନ ହେଲେ ତିକ୍ତ ଓ ଅସହ୍ୟ ମଧ ହୋଇପାରେ । ଏହା ସମ୍ପୂର୍ଣ୍ଣ ନିର୍ଭରଶୀଳ ମନର ଭାବନା ଓ ଚିତ୍ତବୃତ୍ତି ଉପରେ । ଉଭୟ ଉଭୟଙ୍କ ଭାବଧାରା ହିଁ ନିର୍ଣ୍ଣୟ କରେ ସମ୍ପର୍କର ସେତୁ । ସେ ସେତୁ ସୁଦୃଢ଼ ଓ ଦୀର୍ଘସ୍ଥାୟୀ ହୁଏ, ଯେତେବେଳେ ପାରସ୍ପରିକ ବୁଝାମଣା ଓ ଭାବଧାରା ସମାନ ହୋଇଥାଏ, ମାତ୍ର ସମାନ୍ତରାଳ ନୁହେଁ । କାରଣ ସମାନ୍ତରାଳ ରେଖା ପରସ୍ପରକୁ ସ୍ପର୍ଶ କରନ୍ତି ନାହିଁ ଓ ସମ୍ପର୍କ ସୁଦୃଢ ହେବ ବା କିପରି ? ସମ୍ପର୍କ ସେତୁର ଗ୍ରହଣୀୟତା ବହୁବିଧ ହୁଏ, ଯେତେବେଳେ ତାହା ସକରାତ୍ମକ ଗତିରେ ଅନ୍ୟର ହୃଦୟକୁ ସ୍ପର୍ଶ କରେ । ଥରେ ଗ୍ରହଣୀୟତା ବଢିଗଲେ, ସମ୍ପର୍କ ପରିସର ଆପେ ଆପେ କାୟାବିସ୍ତାର କରିଚାଲେ । ସେଇଥି ପାଇଁ ଆମେ ଜଣେ ବ୍ୟକ୍ତିର ପରକାଳରେ କହିଥାଉ, ସେ ଲୋକର ସମ୍ପର୍କ ବହୁତ ଭଲ ଥିଲା ଓ ବହୁ ଲୋକଙ୍କ ପାଇଁ ସେ ମଧ ଆଦରଣୀୟ ଥିଲା । ଏହି ଭାବନା କେବଳ ଆସେ ଯେତେବେଳେ ବ୍ୟକ୍ତି ଜଣକ ଅନ୍ୟର ପରିବର୍ତ୍ତନଶୀଳ ମନକୁ ଛୁଇଁବାରେ ସଫଳ ହୋଇଥାଏ । ସମ୍ପର୍କ ଯେ ସର୍ବଦା ସକରାତ୍ମକ ହେବ ତା'ର କିଛି ଗ୍ୟାରେଣ୍ଟି ନାହିଁ । ତାହା ନକରାତ୍ମକ ମଧ ହୋଇପାରେ । ସେ ସକରାତ୍ମକ ବା ନକରାତ୍ମକ ତାହା ସମ୍ପୂର୍ଣ୍ଣ ନିର୍ଭିତ ହୁଏ ଆମ ଭାବନା ମାଧମରେ । ଅବଶ୍ୟ ନକରାତ୍ମକ ସମ୍ପର୍କ କ୍ଷଣସ୍ଥାୟୀ ଓ କୁଫଳଦାୟକ । ମାତ୍ର ସକରାତ୍ମକ ସମ୍ପର୍କ ଦୀର୍ଘସ୍ଥାୟୀ ଓ ସୁଫଳଦାୟକ । ଅନ୍ୟଠାରୁ ଅଧିକ ଶୁଣି କମ୍ କହୁଥିବା ବ୍ୟକ୍ତି ହିଁ ଅନ୍ୟର ମନକୁ ଛୁଇଁବାରେ ଆଗୁଆ ହୋଇଯାଏ ଓ ସମ୍ପର୍କର ମୂଳଦୁଆ ସେଇଠାରୁ ଆରମ୍ଭ ହେବାର ପଥ ଉନ୍ମୁକ୍ତ ହୋଇଥାଏ । ସାଧାରଣତଃ ମଣିଷ ନିଜର ସୀମିତ ସମୟ ଓ ଅସୀମିତ ଭାବନା ମଧ୍ୟରେ ସବୁଠୁ ଭଲ କାମ କରିବାକୁ ଉଦ୍ୟମ କରେ, ଯାହାକି ଅନ୍ୟ ଚକ୍ଷୁରେ ସହଜରେ ଗ୍ରହଣୀୟ ହୋଇଥାଏ । କେବଳ ସେତିକି ନୁହେଁ, ସେହି ଅବଧିରେ ସେ ନିଜର ଭଲ ଚିନ୍ତା କରିବା ସହିତ ଅନ୍ୟର ଭଲ କିପରି ସାଧିତ ହୋଇପାରିବ ସେଦିଗରେ ମଧ ଆଗଭର ହୋଇଥାଏ । ଅନ୍ୟର ଜୀବନ ଧାରଣ ମାନକୁ ସୁସଂଗତ କରାଇବାରେ ସହାୟକ ହେବା ହିଁ ମାନବିକତା ଓ ସେଥିପାଇଁ ସର୍ବଦା ସୁଯୋଗ ଅପେକ୍ଷାରେ ରହିବାହିଁ ପ୍ରକୃତ ମଣିଷ ପଣିଆ । ମଣିଷର ଭାବନା ଓ ଭାବଧାରା ବା ଚିତ୍ତବୃତ୍ତି ପ୍ରାୟ ଅନନ୍ୟ, ହେଲେ ବାସ୍ତବ ଚିନ୍ତାଧାରା ଭିନ୍ନ ଓ ସେ ଅନୁଭୂତି ପ୍ରାୟ ସମସ୍ତଙ୍କର ରହିଛି । ପୃଥିବୀର କୋଣ ଅନୁକୋଣରେ ବସବାସ କରୁଥିବା ଲୋକଙ୍କ ଏହି ମନସ୍ତାତ୍ତ୍ୱିକ ପରିପ୍ରକାଶରେ ସତ୍ୟତା ରହିଛି ।

ମଣିଷ ମନର ଭାବନା ସ୍ୱୟଂ ସୁଦୃଢ଼ ବା ବିଧିସଂଗତ ହୋଇଥିବାରୁ ତାହାକୁ କେହି ପ୍ରଶ୍ନ କରିବାର ସୁଯୋଗ ନଥାଏ । ଆପେ ଆପେ ତାହା ସ୍ଥିର କରିନିଏ ମୁଁ ଯାହା କରିବାକୁ ଭାବୁଛି ତାହା ଠିକ୍ । ମାତ୍ର ଆମେ ଅନ୍ୟର ଭାବନା ସମ୍ମତ ନିଷ୍ପତ୍ତି ଉପରେ ପ୍ରଶ୍ନ କରିଥାଉ । କାରଣ ଯେଉଁ ସୂଚନା ବା ଅନ୍ୟ ମନର ପରିପ୍ରକାଶ ଆମର ବିଶ୍ୱାସଭାଜନ ହୁଏ ନାହିଁ, ତାହା ଭାବନା ସମ୍ମତ ବିଶ୍ୱାସକୁ ସ୍ପର୍ଶ କରିପାରେ ନାହିଁ । ମଣିଷ ଯେତେବେଳେ ଅନ୍ୟର ଭାବନା ଓ ପରିପ୍ରକାଶ ଉପରେ ଅଧିକରୁ ଅଧିକ ପ୍ରଶ୍ନ କରେ, ସେତେବେଳେ ସମ୍ମୁଖ ବ୍ୟକ୍ତିର ଭାବନା ପ୍ରକ୍ରିୟା ବଢିଚାଲେ । ପରିସ୍ଥିତି ଏତେ ଭାବାଭିମୁଖୀ ହୋଇଯାଏ ଯେ, ଅନ୍ୟ ସହିତ ଦ୍ୱନ୍ଦ ସୃଷ୍ଟି ହୁଏ । ଦ୍ୱନ୍ଦରୁ ଜାତ ହୁଏ ସମ୍ପର୍କରେ ପ୍ରତିବନ୍ଧକ । ସାଂପ୍ରତିକ ସମାଜରେ ଏଭଳି ଦ୍ୱନ୍ଦ ବିବାହିତ ଜୀବନରେ ଅଶାନ୍ତି ଓ ବିଚ୍ଛେଦ ଉପୁଜାଇବାରେ ସଫଳ ହୋଇଯାଏ । ଏଭଳି ନକରାତ୍ମକ ପରିବେଶ ଅଧିକ ସୃଷ୍ଟି ହେଉଛି ଯୁବକ ଯୁବତୀଙ୍କ ବୈବାହିକ ଜୀବନରେ । ସମୟକ୍ରମେ ତାହା ବିଚ୍ଛେଦର ରୂପ ଧାରଣ କରୁଛି । ଏହି ପରିବେଶକୁ ସକରାତ୍ମକ ଭାବେ ଅତିକ୍ରମ କରିବାର ଉପାୟ ହେଉଛି ପାରସ୍ପରିକ ବୁଝାମଣା ବା ସମ୍ପର୍କ । ସେହି ବୁଝାମଣା ହିଁ ଦୁଇଟି ଭାବନା ମଧ୍ୟରେ ସାନି ଆନନ୍ଦ ସ୍ଥାପନ କରିବା ସହିତ ପାରସ୍ପରିକ ସମ୍ମାନ ସୃଷ୍ଟିରେ ସହାୟକ ହୋଇଯାଏ । ପାରସ୍ପରିକ ସମ୍ପର୍କ ଯେତେ ସୁଦୃଢ଼ ହୋଇପାରିବ, ସମାଜରେ ବୈବାହିକ ଜୀବନର ଆନନ୍ଦ ସେତେ ଦୀର୍ଘସ୍ଥାୟୀ ହେବାରେ ବାଧାବନ୍ଧନ ରହିବ ନାହିଁ । ଭାବନା ଅନୁଭୂତି ସୃଷ୍ଟିର ଚାବିକାଠି ହୋଇଥିବାରୁ ସୁଦୃଢ଼ ବୈବାହିକ ସମ୍ପର୍କ ପ୍ରତି ତୃତୀୟ ପକ୍ଷ ଅଙ୍ଗୁଳି ପ୍ରଦର୍ଶନ କରି ବିଫଳ ହେବା ସ୍ୱାଭାବିକ ମଧ ।

ମଣିଷ ଜୀବନ ଯେ ସର୍ବଦା ଯଥାର୍ଥ ବା ଭ୍ରାନ୍ତିଶୂନ୍ୟ ତାହା ମଧ ଭାବିବା ସଠିକ ନୁହେଁ । ଜୀବନ ସମ୍ପର୍କିତ ନିଜସ୍ୱ ଭାବନା ଓ ଦୂରଦୃଷ୍ଟି ଯେ ସାମନାବାଲାର ଭାବନା ସହିତ ଖାପ ଖାଇବ ତାହା ମଧ ଅନିଶ୍ଚିତ । ନିଜସ୍ୱ ସ୍ମୃତି ଓ ଭାବନାରେ ଗଚ୍ଛିତ ଥିବା ସୂଚନା ଭିନ୍ନ ଥିଲେ, ତାହା ଜୀବନର ଦୂରଦୃଷ୍ଟିକୁ ପ୍ରଭାବିତ କରିବା ସହିତ ଅନ୍ୟ ପ୍ରତି ଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରିବା ସ୍ୱାଭାବିକ । କିନ୍ତୁ ସୁଖର କଥା ଯେ, ନିଜସ୍ୱ ଦୂର ଦୃଷ୍ଟି ସର୍ବଦା ନକରାତ୍ମକ ହୋଇନପାରେ । କାରଣ ତୃତୀୟ ପକ୍ଷ ଭାବନା ଓ ଦୂରଦୃଷ୍ଟି ସହ ତାହା ସମାନ ହେଲେ, ସେମାନେ ଯେ ଅନୁସରଣ ନ କରିବେ ତାହା କହିହେବ ନାହିଁ । ଉଦାହରଣ ସ୍ୱରୂପ ଯେତେବେଳେ ବହୁଲୋକ ଜଣେ ବ୍ୟକ୍ତିର ଦୃଢ଼ ସମ୍ପର୍କ ଜନିତ ଭାବଧାରା ଓ କାର୍ଯ୍ୟ ପ୍ରଣାଳୀକୁ ଶତପ୍ରତିଶତ ଅନୁସରଣ କରିବାକୁ ପ୍ରୟାସ କରିବେ, ସେତେବେଳେ ସମ୍ପୃକ୍ତ ବ୍ୟକ୍ତିର ନେତୃତ୍ୱ ନେବାର ଗୁଣାତ୍ମକ ମାନ ବିକଶିତ ହେବ । ସେହି ବିକାଶ ପ୍ରକ୍ରିୟା ଅନ୍ୟ ଜୀବନ ଓ ଚରିତ୍ରରେ ବ୍ୟାପକ ସକରାତ୍ମକ ପରିବର୍ତ୍ତନ ଆଣିପାରିବ । ସେଇଥିପାଇଁ ଯଥାର୍ଥରେ କୁହାଯାଇଛି- ଆମେ ଯେତେ ଉଦ୍ୟମ କଲେ ଅନ୍ୟକୁ ପରିବର୍ତ୍ତନ କରିବା ସହଜ ନୁହେଁ, ବରଂ ଆମେ ଯେତେବେଳେ ନିଜ ଭିତରେ ପରିବର୍ତ୍ତନ ଆଣିବାରେ ସମର୍ଥ ହେବା, ଅନ୍ୟମାନେ ଆମକୁ ଅନୁସରଣ କରିବେ । ହୁଏତ ସମସ୍ତେ ବା ଆଶାତୀତ ବ୍ୟକ୍ତି ଏହା କରି ନପାରନ୍ତି, ହେଲେ ଅଧିକରୁ ଅଧିକ କରିବାରେ ବାଧା ରହିବ ନାହିଁ । ଏହା ପ୍ରକୃତିର ନିୟମ ।

ସମ୍ପର୍କ ପ୍ରତିଷ୍ଠା ଓ ତାହାକୁ ଦୀର୍ଘସ୍ଥାୟୀ କରିବାରେ ସାମାଜିକ ସୁଖ ସମୃଦ୍ଧି ସମ୍ଭବ ହେଉଥିବାରୁ ପାରସ୍ପରିକ ଭାବନାକୁ ସୁଦୃଢ଼ କରାଯିବାର ଆବଶ୍ୟକତା ରହିଛି । ସମାଜରେ ପାରସ୍ପରିକ ଆବେଗ ବା ସହାନୁଭୂତି ଭଲ ଓ ଗ୍ରହଣୀୟ ହୋଇଥିଲେ, ସମ୍ପର୍କ ସୁଦୃଢ଼ ହେବା ସମ୍ପୂର୍ଣ୍ଣ ନିଃସନ୍ଦେହ । ପାରସ୍ପରିକ ଆବେଗ ନିମ୍ନଗାମୀ ହୋଇଗଲେ ବା ଶୂନ ଅବସ୍ଥାରେ ପହଞ୍ଚିଲେ ସମ୍ପର୍କ ମଧ୍ୟରେ ସେତୁବନ୍ଧ ପ୍ରତିଷ୍ଠା ହେବାରେ ସମୟ ଲାଗିବ ନାହିଁ । ହଁ ସକରାତ୍ମକ ସହାନୁଭୂତି ହିଁ ସମ୍ପର୍କ ସେତୁକୁ ସୁଦୃଢ଼ କରିଥାଏ । ବର୍ତ୍ତମାନର ଯୁବପିଢି ବୈବାହିକ ଜୀବନରେ ବଳକା ସମୟରୁ ଅଧିକ ଅବଧି ପାରସ୍ପରିକ ନକରାତ୍ମକ ଭାବଧାରା ଉପରେ ଗୁରୁତ୍ୱ ଦେଉଥିବାରୁ ବୈବାହିକ ବିଚ୍ଛେଦ ପାଦ ଥାପିବାକୁ ସମର୍ଥ ହେଉଛି । ସେହି ନକରାତ୍ମକ ଭାବଧାରା ଯେତେ ଆଗକୁ ବଢିବ, ସମ୍ପର୍କ ସେତୁ ସେହି ପରିମାଣ ବା ତତୋଧିକ ଦୁର୍ବଳ ହେବାର ନଜିର ରହିଛି । ନିଜସ୍ୱ ଆବେଗ ହିଁ ସମ୍ପର୍କ ସେତୁର ଦେଖାଶୁଣା କରିଥାଏ । ଉଦାହରଣ ସ୍ୱରୂପ ପିତାମାତା ନିଜ ସନ୍ତାନସନ୍ତତିଙ୍କୁ ଆବେଗପୂର୍ଣ୍ଣ ଭଲ ପାଇବାରେ ବାଧା ନାହିଁ । ମାତ୍ର ସେହି ଭଲ ପାଇବା ପ୍ରକ୍ରିୟା ଯଦି କ୍ରୋଧାତ୍ମକ ବା କଠିନ ଶବ୍ଦଭିତ୍ତିକ ହୁଏ, ସେତେବେଳେ ଛୋଟ ଶିଶୁଟିଏ ମଧ ଶୁଣି ନ ଶୁଣିବା ଭଳି ହୋଇଯାଏ । ପାରିବାରିକ ଜୀବନରେ ଜାଣିଶୁଣି ହେଉ ବା ଅଜାଣତରେ ହେଉ ପିତାମାତା ପିଲାଙ୍କୁ କର୍କଶ ସ୍ୱରରେ ତାଗିଦ କରିଥାନ୍ତି । ସେହି ତାଗିଦ ଯେ ପିଲାଙ୍କ ମନରେ ଚପଳତାକୁ ସମ୍ପୂର୍ଣ୍ଣ ଅଲଗା କରିଦିଏ, ତାହା କହିବା ଠିକ୍ ହେବ ନାହିଁ । କେତେବେଳେ ତା'ର ପ୍ରତିକ୍ରିୟା ସ୍ୱରୂପ ଶିଶୁଟି ଆଉ ଏକ ଅଗ୍ରହଣୀୟ ଚପଳତାକୁ ଆଦରି ବସେ ।

ଅନ୍ୟ ବ୍ୟକ୍ତିଙ୍କ ବଚନ ବା ପରିପ୍ରକାଶରେ ନିଜସ୍ୱ ଭାବନାରେ ନକରାତ୍ମକ ଭାବ ସୃଷ୍ଟିର ସୂଚନା ଥିଲେ ଆନ୍ତରିକ ଆବେଶ ସୃଷ୍ଟିର ଆବଶ୍ୟକତା ରହିଛି । ପରବର୍ତ୍ତୀ ସମୟରେ ତାହା ପାରସ୍ପରିକ ବୁଝାମଣାକୁ ସୁସଂଗତ କରିପାରିବ ଓ ଉଭୟଙ୍କ ମଧ୍ୟରେ ସମ୍ପର୍କ ସେତୁ ମଜବୁତ ହେବା ନିଶ୍ଚିତ ହୋଇଯିବ । ଅନେକ ସମୟରେ ନିଜସ୍ୱ ଚିତ୍ତବୃତ୍ତି ବା ଭାବାବେଗ ଏ କ୍ଷେତ୍ରରେ ବିଭେଦ ସୃଷ୍ଟି କରିଥାଏ । କେତେକ କ୍ଷେତ୍ରରେ ନିଜସ୍ୱ ଭାବନାରେ ସୃଷ୍ଟ ଅସ୍ଥିରତା ଓ ଅସୁରକ୍ଷିତ ଅବସ୍ଥା ସୁଦୃଢ଼ ସମ୍ପର୍କକୁ ପ୍ରଭାବିତ କରିଥାଏ । କେବେକେବେ ଅସୁରକ୍ଷିତ ଭାବନା ମଣିଷର ବ୍ୟବହାରରେ ନକରାତ୍ମକ ପରିବର୍ତ୍ତନ ଆଣିବାରେ ସଫଳ ହୁଏ । ସାଧାରଣତଃ ଏକାକୀ ଥିବା ଅବସ୍ଥାରେ ମଣିଷର ଭାବନାରେ ଅସ୍ଥିରତା ଓ ଅସୁରକ୍ଷିତ ଭାବ ସୃଷ୍ଟି ହୋଇଥାଏ । ସେହି ଅବସ୍ଥାରୁ ନିଜକୁ ଦୂରେଇ ରଖିବାକୁ ହେଲେ ସକରାତ୍ମକ ଭାବନା ଓ ସତ୍‌ସଙ୍ଗ ହିଁ ସୁଫଳ ଆଣିବାରେ ସହାୟକ ହେବ । ସକରାତ୍ମକ ଭାବନା ଯେ କେବଳ ନିଜକୁ ଦୃଢ଼ ସମ୍ପର୍କ ରଖିବାରେ ପ୍ରେରଣାଦାୟକ ହେବ ତାହା ନୁହେଁ, ଅନ୍ୟ ସହ ମଜଭୁତ ସମ୍ପର୍କ ପ୍ରତିଷ୍ଠା ପାଇଁ ମଧ ଖୋରାକ ଯୋଗାଇବ । କେବଳ ସେତିକି ନୁହେଁ, ଆତ୍ମବିଶ୍ୱାସ ସୃଷ୍ଟି ମାଧମରେ ଅସୁରକ୍ଷିତ ଅବସ୍ଥାର ଅବସାନ ଘଟାଯାଇ ପାରିବ । ଦୁର୍ବଳ ଓ ଅସ୍ଥିର ସମ୍ପର୍କ ଅଧିକାଂଶ ସମୟରେ ଜୀବନଯାପନ ପ୍ରଣାଳୀରେ ଅସ୍ଥିରତାର ମୁଖ୍ୟ କାରଣ ପାଲଟିଯାଏ । ମଣିଷ ଗୋଟିଏ ପରେ ଗୋଟିଏ ଭୁଲ କରି ବସେ । ଏପରିକି ଭୁଲ କରୁଥିବା ନେଇ ନିଜସ୍ୱ ଭାବନା ସୃଷ୍ଟି ହେଲେ ସୁଦ୍ଧା ଅସୁରକ୍ଷିତ ଓ ଦୁର୍ବଳ ସମ୍ପର୍କରେ ବିଶ୍ୱାସ କରୁଥିବା ମଣିଷ ପରବର୍ତ୍ତୀ ଭୁଲକୁ ପ୍ରଶ୍ରୟ ଦେବାକୁ ବାଧ ହୁଏ । ଏହି ପରିପ୍ରେକ୍ଷୀରେ ପୁରୁଣା କଥାଟିଏ ମନେପଡ଼େ- 'ଆମେ ଯାହା କହୁଛେ, ତାହା ଅନ୍ୟ ପାଇଁ ସେତେ ମୂଲ୍ୟବାନ ନୁହେଁ, ଆମେ କେମିତି କହୁଛେ ତାହାହିଁ ଅଧିକ ମୂଲ୍ୟବାନ ।' ସେଇଥି ପାଇଁ ଅନ୍ୟକୁ କିଛି ଉତ୍ତର ଦେବା ପୂର୍ବରୁ ଆମେ ଭାବିବା ଉଚିତ, ତାହା କେତେଦୂର ଯୁକ୍ତିଯୁକ୍ତ, ଦରକାରୀ ଓ ଫଳପ୍ରଦ । ଆମ ନ କହିବାରେ ଅଧିକ କ୍ଷତି ହେବାର ଆଶଙ୍କା ଅଛି କି ? ଏସବୁ ସତ୍ତ୍ୱେ ଜାଣି ନଜାଣିବା ଭଳି ମଣିଷ ଭୁଲ କରିବସେ । ତା'ର ମୁଖ୍ୟକାରଣ ହେଲା ନିଜ ଭିତରେ ଥିବା ଅହଂଭାବ । ସମ୍ପର୍କ ସେତୁକୁ ଦୁର୍ବଳ କରିବାରେ ଅହଂଭାବ ପ୍ରମୁଖ ପ୍ରଭାବ ବିସ୍ତାର କରିଥାଏ । କେବଳ ସେତିକି ନୁହେଁ, ସେହି ନକରାତ୍ମକ ଭାବନାର ଅପପ୍ରୟୋଗ ମଣିଷ ଜୀବନରେ ଅସଫଳତା ସୃଷ୍ଟିର କାରଣ ପାଲଟିଯାଏ । ଅହଂଭାବକୁ ନିଜ ଜୀବନରୁ ବିଚ୍ଛେଦ କରିବା ପାଇଁ ସମର୍ପଣଭାବର ଆବଶ୍ୟକତା ରହିଛି । କାରଣ ସମର୍ପଣଭାବ ହିଁ ନିଜ ଭିତରେ ସରଳ ଓ ଶାନ୍ତି ଭାବନା ସୃଷ୍ଟିରେ ସହାୟକ ହୋଇଥାଏ । ସମ୍ମୁଖ ବ୍ୟକ୍ତି ଭିତରେ ଥିବା ନକରାତ୍ମକ ପରିପ୍ରକାଶ ପ୍ରତି ନିଜସ୍ୱ ଭାବନାରେ ସ୍ଥାନ ନ ଦେଇ ସକରାତ୍ମକ ଗୁଣର ପ୍ରଶଂସା ହିଁ ସମ୍ପର୍କ ସେତୁ ସୁଦୃଢ଼ ହେବାର ଆଉ ଏକ ଉପାୟ । ପାରସ୍ପରିକ ସମ୍ପର୍କରେ କେଉଁଟା ଅଧିକ ଠିକ୍ ଉପରେ ଅଗ୍ରାଧିକାର ଦିଆ ନଯାଇ, ଅଧିକ ସୁଖ ସୃଷ୍ଟିକାରୀ ପ୍ରସଙ୍ଗ ହିଁ ବନ୍ଧୁତ୍ୱ ସମ୍ପର୍କକୁ ସ୍ଥିରତା ଆଡକୁ ଟାଣିନେବ । ସମର୍ପିତ ବନ୍ଧୁତ୍ୱ ଦୃଢ଼ ସମ୍ପର୍କର ପ୍ରତିଫଳନ । ଅନ୍ୟପକ୍ଷରେ ସୁଦୃଢ଼ ସମ୍ପର୍କ ହିଁ ଦୃଢ଼ ବନ୍ଧୁତ୍ୱକୁ ଶାଶ୍ୱତ ରୂପ ଦେବାରେ ଯେ ସହାୟକ ନହେବ, ତାହା କିଏ କହିବ ।


*ସିଡିଏ, ସେକ୍ଟର-୬, କଟକ,*
*ମୋ- ୯୪୩୭୧୩୪୪୦୦*


# 'ଏ ଯେ ମନୁଷ୍ୟ କଳେବର, ଅଶେଷ ଦେହ ମଧ୍ୟେ ସାର'

**■ଡ. ସୁରେଶ କୁମାର ନାୟକ■**

ବୈରାଗ୍ୟ, ବିଶ୍ୱାସ ଓ ପ୍ରେମ- ଏହି ସ୍ତମ୍ଭଗୁଡ଼ିକ ଉପରେ ଶାନ୍ତି ଆଧାରିତ । ଏଗୁଡ଼ିକ ମଧ୍ୟରୁ ବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ। କାରଣ ଏହାବିନା ସାଧନା ଶୂନ୍ୟ ବାହ୍ୟାଚାର ଅଟେ । ବୈରାଗ୍ୟ ହିଁ ସାଧନାକୁ ଫଳପ୍ରଦ କରି ପାରିବ ଏବଂ ପ୍ରେମ ଶୀଘ୍ର ଓ ଗୁରୁଦେବଙ୍କ ଆଡ଼କୁ ଘେନିଯିବ । ବିଶ୍ୱାସ ଗୁରୁଦେବଙ୍କ ବିଚ୍ଛେଦର ଦୁଃଖକୁ ଇନ୍ଧନ ଯୋଗାଏ, ବୈରାଗ୍ୟ ଏହାକୁ ଭଗବତତ୍ତ୍ୱ ମାର୍ଗରେ ପରିଚାଳିତ କରେ, ପ୍ରେମ ରାସ୍ତାକୁ ଆଲୋକିତ କରେ। ଆମର ଯାହା ଦରକାର ଓ ଆମେ ଯେଉଁଥିପାଇଁ ଯୋଗ୍ୟ ଗୁରୁଦେବ ତାହା ଆମକୁ ଦେବେ । ମାଗିବା ଦରକାର ନାହିଁ କି ଗୁଁ ଗୁଁ ହେବାର କାରଣ ନାହିଁ । ଯାହାକିଛି ଘଟୁଛି, ଯେତେବେଳେ ଘଟୁଛି ସେଥିରେ ସନ୍ତୁଷ୍ଟ ହେବା ଓ କୃତଜ୍ଞ ରହିବା । ତାଙ୍କ ଇଚ୍ଛାବିନା କିଛି ଘଟିପାରିବ ନାହିଁ ।

ଏ ଜଗତ୍ ହେଉଛି ସ୍ୱୟଂ ଗୁରୁଦେବଙ୍କର ପରିପ୍ରକାଶ । ସେହି ଗୁରୁଦେବଙ୍କର ଆନନ୍ଦ ହିଁ ଯାବତୀୟ ରୂପ ପରିଗ୍ରହଣ କରିଛି । ସମସ୍ତ ଜୀବନ ସମାନ। କ୍ଷୁଦ୍ରାଦପିକ୍ଷୁଦ୍ର ପ୍ରାଣୀ ଅନ୍ତରରେ ମଧ ସେହି ଏକ ବିଶ୍ୱଜୀବନ ସ୍ପନ୍ଦିତ ହେଉଛି । ଗୁରୁଦେବ ହିଁ ସମସ୍ତ ଜୀବଙ୍କ ଠାରେ ବିଦ୍ୟମାନ । ମାଳାର ସବୁ ଫୁଲ ମଧ୍ୟରେ ଯେପରି ଗୋଟିଏ ହିଁ ସୂତା ଗୁନ୍ଥି ହୋଇଥାଏ, ସକଳ ଜୀବଙ୍କ ମଧ୍ୟରେ ସେହିପରି ଏକ ଆତ୍ମା ହିଁ ବିଦ୍ୟମାନ ହୋଇଛନ୍ତି । ସକଳ ଜୀବଙ୍କ ଠାରେ ସେହି ଏକ ଗୁରୁଦେବଙ୍କୁ ଦର୍ଶନ କରିବା । ସବୁରି ସେବା କରିବା ଓ ସମସ୍ତଙ୍କୁ ପ୍ରେମ କରିବା। ସମସ୍ତଙ୍କ ପ୍ରତି ସଦୟ ହୋଇ ବିଭେଦର, ଦ୍ୱୈତର ଧାରଣ ପରିହାର କରିବା । ଜଗତ ଭଲ ନୁହେଁ କି ମନ୍ଦ ନୁହେଁ । କି ଭଲ, କି ମନ୍ଦ - ସବୁ ମନସୃଷ୍ଟ । ମନର ପ୍ରକ୍ରିୟା ହିଁ ଏସବୁ ସୃଷ୍ଟି କରିଛି । ଯେ ସତ୍ ସେ ଭଲ, ତା'ପାଇଁ ସମସ୍ତ ଜଗତ ସଂପୂର୍ଣ୍ଣ ଭଲ, ସଂପୂର୍ଣ୍ଣ ମଙ୍ଗଳମୟ । ନିଜେ ଭଲ ତ ଦୁନିଆଁ ଭଲ । କିନ୍ତୁ ଯେ ଅସତ୍, ଯେ ମନ୍ଦ, ତା'ପାଇଁ ଜଗତଟାଯାକ ମନ୍ଦ ତା'ପାଇଁ ଜଗତ ଅମଙ୍ଗଳରେ ପୂର୍ଣ୍ଣ । ଯାହା ଅମଙ୍ଗଳ ବୋଲି କୁହାଯାଉଛି, ତାହା ଜଗତରେ ନାହିଁ । ଅଛି ମନ ଭିତରେ। ଆମ୍ଭେମାନେ କେବଳ ତାର ନିଜ ମନର ପ୍ରତିକୃତି ହିଁ ଦେଖେ । ଆମ୍ଭେମାନେ ଯଦି ନିଜେ ସତ, ନିଜେ ସଚ୍ଚୋଟ ଓ ସିଦ୍ଧ ହୋଇଛନ୍ତି ତେବେ ଜଗତ ଆପଣଙ୍କୁ ସତ ରୂପରେ ହିଁ ଦେଖାଯିବ ।

ସର୍ବଦା ସକଳ ବସ୍ତୁରେ କେବଳ ଗୁରୁଦେବଙ୍କୁ ଦର୍ଶନ କରନ୍ତୁ । ଆମ୍ଭମାନଙ୍କୁ କୌଣସି ବିଷୟ ମନ୍ଦ ବୋଲି ଦେଖାଯିବ ନାହିଁ । ଆମ୍ଭେମାନେ ସର୍ବତ୍ର ଭଲ ହିଁ ଦେଖିବାକୁ ପାଇବା ଯାହା ଫଳରେ ଆମ୍ଭେମାନେ ଶାନ୍ତି ଲାଭ କରିବା ।

ଗୁରୁଦେବ ତାଙ୍କ ମାର୍ଗଦର୍ଶନରେ କହିଛନ୍ତି 'ଯେ ମୋର ପ୍ରିୟ ହେବା ପାଇଁ ଚାହୁଁଥିବା ବ୍ୟକ୍ତି ଆନନ୍ଦ, କ୍ରୋଧ ଓ ଭୟର ବଶବର୍ତ୍ତୀ ହେବନାହିଁ ।' ଆମ୍ଭମାନଙ୍କର ମନ ସମୁଦ୍ର ପରି ଉାଳ। ସାମାନ୍ୟ ମୃଦୁ ପବନ ଯେପରି ସମୁଦ୍ରରେ ତରଙ୍ଗ ସୃଷ୍ଟି କରିଥାଏ, ସେହିପରି ଆନନ୍ଦ, କ୍ରୋଧ ଏବଂ ଭୟ ସବୁ ଆମ୍ଭମାନଙ୍କୁ ଗ୍ରାସ କରିଥାଏ । ତେଣୁ ଏସବୁ ଦ୍ୱାରା ଜଣେ ବ୍ୟକ୍ତି ସହଜରେ ପ୍ରଭାବିତ ହୋଇଯିବା ସ୍ୱାଭାବିକ । କିନ୍ତୁ ସମଭାବ ଓ ସ୍ଥିରବୁଦ୍ଧିସମ୍ପନ୍ନ ବ୍ୟକ୍ତି ଏସବୁ ଆବେଗପ୍ରବଣତାରେ ଭାସିଯାଏ ନାହିଁ, ଏଣୁ ସେହିମାନେ ହିଁ ଗୁରୁଦେବଙ୍କର ପ୍ରିୟ । ତେବେ ଦେଖାଯାଇଛି ଯେ ସମସ୍ତେ ଯଦିଓ ଗୁରୁଦେବଙ୍କର ପ୍ରିୟ ହୋଇଯିବା ପାଇଁ ଚାହାନ୍ତି, ଏହି ପଥ କିନ୍ତୁ ବଡ଼ ବନ୍ଧୁର ଓ ପ୍ରତିବନ୍ଧକ ପରିପୂର୍ଣ୍ଣ । ଏହାଯେ କେବଳ ଖାଲ ଓ ଖାଇରେ ପରିପୂର୍ଣ୍ଣ ତାହାନୁହେଁ, ବିପଦସଂକୁଳ ମଧ। ତେଣୁ ଇନ୍ଦ୍ରିୟ ଉପରେ ପୂର୍ଣ୍ଣ ସଂଯମ ରକ୍ଷା କରିପାରୁଥିବା ଜଣେ ବ୍ୟକ୍ତି ହିଁ ଏହି ପଥରେ ଯାତ୍ରା କରିପାରିବାକୁ ଯୋଗ୍ୟ ହୋଇପାରିବ। ସୁତରାଂ ଏହି ପଥ ଅନୁସରଣ କରିବା ପୂର୍ବରୁ ଯୋଗ କରିବା ଆବଶ୍ୟକ ବୋଲି ମନେ ହୁଏ । କାରଣ ଏହାଦ୍ୱାରା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ନିଜ ଉପରେ ନିୟନ୍ତ୍ରଣ ଆଣିବା ସହାୟକ ହୁଏ । ଅର୍ଜୁନଙ୍କ ମନରୁ ସନ୍ଦେହ ଓ ଭୟ ଦୂର କରିବା ଭଗବାନ ଶ୍ରୀକୃଷ୍ଣଙ୍କର ମୂଳ ଉଦ୍ଦେଶ୍ୟ ଥିଲା । ଏଣୁ ସେ ବିଭିନ୍ନ ମାଧମରେ ଅର୍ଜୁନଙ୍କୁ ଉପଦେଶ ଦେଇଥିଲେ । ଦ୍ୱିତୀୟ ଅଧ୍ୟାୟରେ ସାଂଖ୍ୟଯୋଗ ବିଷୟରେ ବର୍ଣ୍ଣନା କରିବା ସମୟରେ ସେ ସ୍ଥିତପ୍ରଜ୍ଞ ବିଷୟରେ କହିଛନ୍ତି । ସ୍ଥିରବୁଦ୍ଧି ସମ୍ପନ୍ନ ଜଣେ ବ୍ୟକ୍ତିଙ୍କୁ ସ୍ଥିତପ୍ରଜ୍ଞ ରୂପେ ବର୍ଣ୍ଣନା କରାଯାଇଛି। ଏହିଭଳି ବ୍ୟକ୍ତିର ଆନନ୍ଦ କିମ୍ବା ସନ୍ତୋଷ ପାଇଁ କାମନା ନଥାଏ। ନିଜର ଇନ୍ଦ୍ରିୟ ଉପରେ ତା'ର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଥାଏ । ତୃତୀୟ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମଯୋଗ ବିଷୟରେ ବୁଝାଇଛନ୍ତି। ସଂସାରରେ କର୍ମ କରିବାର ଉପଯୁକ୍ତ ପଦ୍ଧତି ସମ୍ପର୍କରେ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ପୃଥିବୀରେ କେହି ବି କ୍ଷଣଟିଏ ମଧ କର୍ମ ନକରି ରହିପାରିବେ ନାହିଁ। ପୁଣି କହିଛନ୍ତି ଯେ ନିଜର ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ସଂଯତ କରି, ଆସକ୍ତି ରହିତ ହୋଇ ନିଷ୍କାମ ଭାବରେ ସମସ୍ତ କର୍ମ କରୁଥିବା ବ୍ୟକ୍ତି କର୍ମଯୋଗୀ ଅଟେ । ଅର୍ଥାତ୍ ଏଠାରେ କର୍ମଯୋଗକୁ ବୁଝାଇବା ଛଳରେ ଇନ୍ଦ୍ରିୟାଦି ଉପରେ ନିୟନ୍ତ୍ରଣ ପ୍ରତି ଗୁରୁତ୍ୱ ଆରୋପ କରାଯାଇଛି । ଚତୁର୍ଥ ଅଧ୍ୟାୟରେ ଭଗବାନ କର୍ମବ୍ରହ୍ମାର୍ପଣ ଯୋଗ ବିଷୟରେ ବୁଝାଇଛନ୍ତି । ଏହି ଅଧ୍ୟାୟରେ ସେ କହିଛନ୍ତି ଯେ ଯେଉଁମାନେ ଆସକ୍ତି, ଭୟ ଓ କ୍ରୋଧକୁ ପରିତ୍ୟାଗ କରି ତାଙ୍କ ନିକଟରେ ଶରଣ ନେଇଛନ୍ତି, ସେମାନେ ତାଙ୍କ ସହ ଏକ ହୋଇଯିବେ । ପୁଣି ଏହି ଅଧ୍ୟାୟରେ ଜଣେ ଜ୍ଞାନୀ ବ୍ୟକ୍ତିର ଆଚରଣ ବିଷୟରେ କହିବାକୁ ଯାଇ ଭଗବାନ କହିଛନ୍ତି ଯେ ଫଳ ଆଶା ନରଖି ସେ ତାର ସମସ୍ତ କର୍ମ କରିଥାଏ । ସୁତରାଂ ତାର ସମସ୍ତ କର୍ମ ଜ୍ଞାନରୂପକ ଅଗ୍ନିରେ ଭସ୍ମ ହୋଇଯାଇଥାଏ । ଗୀତାର ପଞ୍ଚମ ଅଧ୍ୟାୟଟି କର୍ମ ସନ୍ନ୍ୟାସ ଯୋଗ ପ୍ରତି ସମର୍ପିତ ହୋଇଛି । ଏହାର ପ୍ରାରମ୍ଭରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ଉଭୟ କର୍ମସନ୍ନ୍ୟାସ ଏବଂ କର୍ମଯୋଗ ମୋକ୍ଷ ପଥକୁ ବାଟ କଢ଼ାଇ ନିଏ । କିନ୍ତୁ ଏ ଦୁଇଟି ମଧ୍ୟରୁ କର୍ମଯୋଗ ଶ୍ରେଷ୍ଠ ବୋଲି ଭଗବାନ କହିଛନ୍ତ । ପଞ୍ଚମ ଅଧ୍ୟାୟରେ ଭଗବାନ ଜଣେ ପଣ୍ଡିତ ବ୍ୟକ୍ତିର ନିମ୍ନପ୍ରକାର ବର୍ଣ୍ଣନା କରିଛନ୍ତି । ସେ ସ୍ଥିରବୁଦ୍ଧି ସମ୍ପନ୍ନ ହୋଇଥିବେ, ବ୍ରାହ୍ମଣଠାରୁ ଗୋରୁ, ହସ୍ତୀ, କୁକୁର ଏବଂ ଚଣ୍ଡାଳ ପ୍ରତି ମଧ ସମାନ ଭାବ ଓ ଦୃଷ୍ଟି ରଖୁଥିବେ। ତେଣୁ ଏଠାରେ ଆମେ ଦେଖୁ ଯେ ସ୍ଥିର ବୁଦ୍ଧି ଏବଂ ନିରପେକ୍ଷ ଦୃଷ୍ଟି ଉପରେ ଭଗବାନ ଶ୍ରୀକୃଷ୍ଣ ଗୀତାରେ ସର୍ବାଧିକ ଗୁରୁତ୍ୱ ଆରୋପ କରିଛନ୍ତି । ଷଷ୍ଠ ଅଧ୍ୟାୟରେ ଅଭ୍ୟାସ ଯୋଗ ବର୍ଣ୍ଣନା କରିବା ସମୟରେ ଭଗବାନ କହିଛନ୍ତି ଯେ ଜଣେ ବ୍ୟକ୍ତି ତାର ସମସ୍ତ ଆସକ୍ତି ଦୂର ନକରିବା ପର୍ଯ୍ୟନ୍ତ ପ୍ରକୃତ ଅର୍ଥରେ କର୍ମଯୋଗୀ ହୋଇପାରିବ ନାହିଁ । ସେ ପୁଣି କହିଛନ୍ତି ଯେ ଯେତେବେଳେ ଜଣେ ଯୋଗୀର ନିଜ ମନ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଆସିଯିବ ସେତେବେଳେ ଉଭୟ ଶୀତ-ଉଷ୍ମ, ସୁଖ-ଦୁଃଖ ତଥା ମାନ-ଅପମାନରେ ତାର ନିରପେକ୍ଷ ବିଚାର ଓ ଦୃଷ୍ଟିଭଙ୍ଗୀ ରହିବ ।

ଗୋଟିଏ ପରିବାରର ଲୋକ ଭଳି ଜୀବନ ନିର୍ବାହ କରିବାକୁ ଶିକ୍ଷା କରନ୍ତୁ। 'ମଣିଷ ଆମେରେ ଗୋଟିଏ ଜାତି' ଏହି ଆଦର୍ଶ ପ୍ରତିଷ୍ଠା ପାଇଁ କର୍ମତତ୍ପର ହେବା। ଗୋଟିଏ ଜଗତ ଭିତରେ ରହି ଶାନ୍ତିରେ କାଳଯାପନ କରିବା। ସମସ୍ତେ ଗୁରୁଦେବଙ୍କର ସନ୍ତାନ । ସମସ୍ତ ଜଗତ ଏକ ଗୁରୁଦେବଙ୍କ ପରିବାର। ଏହି ସତ୍ୟ ଉପଲବ୍ଧି କରିବା ଓ ଏହି ସତ୍ୟକୁ ଅନୁଭବ କରିବା ।


ମୋ. ୯୪୩୭୨୨୫୫୯୨


# ଆ-କା-ମା-ବୈ, ସର୍ବଶ୍ରେଷ୍ଠ କାର୍ତ୍ତିକ

**■ପ୍ରସନ୍ନ କୁମାର ପାଇକରାୟ■**

ଓଡ଼ିଆମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି । ବର୍ଷର ବାରମାସ ମଧ୍ୟରୁ ବୈଶାଖ, ଆଷାଢ଼, କାର୍ତ୍ତିକ ଓ ମାର୍ଗଶିର ହେଉଛି ଧର୍ମମାସ । ଏହି ଚାରି ମାସକୁ ସଂକ୍ଷେପରେ ଆ-କା-ମା-ବୈ ବୋଲି କୁହାଯାଏ । ଏହି ପବିତ୍ର ଚାରି ଧର୍ମ ମାସରେ କାର୍ତ୍ତିକ ମାସର ସ୍ଥାନ ସର୍ବଶ୍ରେଷ୍ଠ । ପୁଣ୍ୟ ଅର୍ଜନର ମାସ ହେଉଛି କାର୍ତ୍ତିକ । ହିନ୍ଦୁ ଶାସ୍ତ୍ରରେ କାର୍ତ୍ତିକକୁ ଶ୍ରେଷ୍ଠ ଧର୍ମ ମାସ ବୋଲି କୁହାଯାଇଛି । ଏହି ମାସରେ ଅନେକ ପର୍ବପର୍ବାଣି ଯଥା ଗର୍ଭଣା ସଂକ୍ରାନ୍ତି, ରମା ଏକାଦଶୀ, ଧନତେରାସ, ଦୀପାବଳି ଓ ଶ୍ୟାମାକାଳୀ ପୂଜା, ଗୋବର୍ଦ୍ଧନ ପୂଜା, ନାଗଚତୁର୍ଥୀ, ଅଁଳା ନବମୀ, ଗରୁଡ଼ ଦ୍ୱାଦଶୀ, ବଡ଼ ଓଷା, ବୈକୁଣ୍ଠ ଚତୁର୍ଦ୍ଦଶୀ ଓ କାର୍ତ୍ତିକ ପୂର୍ଣ୍ଣିମା ପଡିଥାଏ । ହିନ୍ଦୁ ପାଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ । କୁମାର ପୂର୍ଣ୍ଣିମା ପରଦିନ ଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଥାଏ । ଏହି ମାସରେ ବିଶେଷତଃ ରାଇ ଦାମୋଦର ପୂଜା ଓ ଉପାସନା କରାଯାଏ । କାର୍ତ୍ତିକ ଏକ ପବିତ୍ର ମାସ, ଏହି ମାସରେ ଓଡ଼ିଶାର ହିନ୍ଦୁ ନରନାରୀ ମାନେ କାର୍ତ୍ତିକ ମାହାତ୍ମ୍ୟକୁ ପାଠ କରିଥାନ୍ତି ଓ ଜଗନ୍ନାଥଙ୍କ ନିକଟରେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । କାର୍ତ୍ତିକ ମାସକୁ ଧର୍ମ ମାସ, ହବିଷ ମାସ, ଆକାଶ ଦୀପ ମାସ ନାମରେ ନାମିତ କରାଯାଇଅଛି । କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ ମାସ । ପୌରାଣିକ ମତରେ ପରମ ପିତା ବ୍ରହ୍ମା ଦେବର୍ଷି ନାରଦଙ୍କୁ କାର୍ତ୍ତିକ ମାସ ବିଷୟରେ କହିଛନ୍ତି, ଦେବତାମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁ ତୀର୍ଥ ବଦ୍ରିକା ଗ୍ରାମ ଏବଂ ମାସ ମାନଙ୍କ ମଧ୍ୟରେ କାର୍ତ୍ତିକ ମାସ ଶ୍ରେଷ୍ଠ ଅଟେ । ନା କାର୍ତ୍ତିକ ସମୋ ମାସୋ ନ କୃତେନ ସମ ଯୁଗମ୍// ନ ବେଦ ସଦୃଶ ଶାସ୍ତ୍ର ନ ତୀର୍ଥ ଗଙ୍ଗାୟ ସମମ୍ । ଅର୍ଥାତ କାର୍ତ୍ତିକ ମାସ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ, ବେଦ ସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗାପରି ତୀର୍ଥ ନାହିଁ । କାର୍ତ୍ତିକ ମାସ ବ୍ରତ ମୁଖ୍ୟତଃ ବିଧବା ନାରୀମାନେ ପାଳନ କରୁଥିବା ସ୍ଥଳେ ଏବେ ସଧବା ନାରୀ ଓ ପୁରୁଷମାନେ ମଧ ପାଳନ କରୁଥିବାର ଲକ୍ଷ କରାଯାଏ । ଏହି ମାସରେ ବଡି ଭୋରରୁ ବିଭିନ୍ନ ଧର୍ମ ପୀଠ ମାନଙ୍କରେ ସଂକୀର୍ତ୍ତନ, ଘଣ୍ଟ ଓ ଶଙ୍ଖ ହୁଳହୁଳି ସହ ଭଜନ କୀର୍ତ୍ତନ କାର୍ତ୍ତିକ ପୁରାଣ ପଠନ, ଭାଗବତ ଗୀତା ପଠନ କରାଯାଇଥାଏ । କାର୍ତ୍ତିକ ବ୍ରତ ପାଳନ କରିଥିବା ସମସ୍ତ ନାରୀ ପୁରୁଷ ଏହି ଧର୍ମୀୟ ମାସକୁ ବେଶ ନିଷ୍ଠାର ସହିତ ପାଳନ କରିଥାନ୍ତି । ପ୍ରତ୍ୟୁଷରୁ ସ୍ନାନ ସାରି ଦେବ ଦର୍ଶନ ପରେ ହବିଷ୍ୟାଳୀମାନେ ଏକାଠି ହୋଇ ଚଉଁରା ମୂଳେ ରାଇ ଦାମୋଦରଙ୍କୁ ପୂଜା କରିଥାନ୍ତି । କାର୍ତ୍ତିକ ବ୍ରତ ସମୟରେ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନ ସାରି ସୂର୍ଯ୍ୟ ଦେବଙ୍କୁ ପୂଜା କରି, ତୁଳସୀ ଚଉଁରା ମୂଳେ ପାଣି ଚଢେଇଲେ ଅଶେଷ ପୁଣ୍ୟ ମିଳିଥାଏ । ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି କାର୍ତ୍ତିକ ମାସରେ ବ୍ରତ ପାଳନ କରି ଶୈବପୀଠ ଓ ବିଷ୍ଣୁଙ୍କୁ ଦର୍ଶନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ । କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକ ଉପବାସ ବ୍ରତ ପାଳନ କରିଥାନ୍ତି । ବ୍ରତ ପାଳନ କରୁଥିବା ଶ୍ରଦ୍ଧାଳୁ ମାନେ ମନ୍ଦିର ଯାଇ ବିଷ୍ଣୁ ସହସ୍ର ନାମ, ଶିବ ସହସ୍ର ନାମ, ଶିସ୍ତୋତ୍ର ଆଦି ଭକ୍ତିର ସହ ଜପ କରିଥାନ୍ତି । ଯୋଗ୍ୟ, ଭାଗ୍ୟବାନ ବ୍ୟକ୍ତି ନିଷ୍ଠାର ସହିତ ପୂଜା ଓ ଶସ୍ୟବୀଜ ଅନ୍ନ ଆଦି ଭକ୍ଷଣ ନକରି ଉପବାସ ରହିବା ହେଉଛି କାର୍ତ୍ତିକ ବ୍ରତ ପାଳିବାର ସର୍ବୋତ୍ତମ ଉପାୟ । ପୁରାଣ କଥାବସ୍ତୁ ଅନୁସାରେ ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଠାରୁ ଆରମ୍ଭ କରି ଦୀର୍ଘ ଚାରି ମାସ କ୍ଷୀର ସାଗରରେ ଶୟନ କରିଥିବା ବେଳେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି । କଥାରେ ଅଛି ବିଷ୍ଣୁ ଓ ଶିବ ଏହି ସମୟରେ ପୃଥିବୀ ପୃଷ୍ଠରେ ପରିକ୍ରମା କରିଥାନ୍ତି । ଏହି ମାସ ଚାରି ପୁରୁଷାର୍ଥ ଧର୍ମ, ଅର୍ଥ, କାମ, ମୋହ ପାଇଁ ପାଳନ କରାଯାଏ । କାର୍ତ୍ତିକ ମାସର ମହତ୍ତ୍ୱକୁ ବିଷ୍ଣୁ ବ୍ରହ୍ମାଙ୍କୁ ବୁଝାଇଥିଲେ ଓ ବ୍ରହ୍ମା ନାରଦଙ୍କୁ ଏହି ମାସର ମହତ୍ତ୍ୱ ବୁଝାଇଥିଲେ ଏବଂ ନାରଦ ଏହାକୁ ରାଜା ପୃଥୁଙ୍କୁ ବୁଝାଇଥିଲେ । ଏହି ମାସରେ ଦୀପାବଳୀରେ ଦୀପଦାନ, କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ, ରାଧା ଦାମୋଦର ପୂଜା, ବାଲୁଙ୍କା ପୂଜା ଇତ୍ୟାଦି ପୂଜା କରାଯାଏ । କାର୍ତ୍ତିକ ଶୁକ୍ଳ ଏକାଦଶୀ ଅର୍ଥାତ ଦେଓ୍ୱପନ ଏକାଦଶୀ, ପ୍ରବୋଧିନୀ ଏକାଦଶୀ, ବଡ଼ ଏକାଦଶୀ ଠାରୁ ଆରମ୍ଭ କରି ପୂର୍ଣ୍ଣିମା ସମେତ ପାଞ୍ଚ ଦିନ ହେଉଛି ମହାପଞ୍ଚକ । ଏହି ପଞ୍ଚକରେ ଭୀଷ୍ମଙ୍କୁ ସ୍ମରଣ କରି ବିଷ୍ଣୁଙ୍କ ଉପାସନା କରାଯାଇଥାଏ । ଭୀଷ୍ମ ବାସୁଦେବଙ୍କ ଠାରୁ ପଞ୍ଚକ ବ୍ରତ ପ୍ରାପ୍ତ ହୋଇଥିବାରୁ ଭୀଷ୍ମପଞ୍ଚକ ନାମରେ ଜଣା । ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ ବ୍ରତ କରିପାରନ୍ତି ନାହିଁ ସେମାନେ ଏହି ପଞ୍ଚକ ପାଞ୍ଚ ଦିନ ହବିଷ୍ୟ ପାଳନ କରନ୍ତି । ଏହି ପାଞ୍ଚ ଦିନ ସକାଳ ଓ ସନ୍ଧ୍ୟାରେ ଦିନକୁ ଦୁଇଥର ବୃନ୍ଦାବତୀଙ୍କ ପାଖରେ ଧୂପଦୀପ ଓ ପୁଷ୍ପ ସମର୍ପଣ ବ୍ରତଧାରୀ କରିଥାନ୍ତି । କାର୍ତ୍ତିକ ମାସର ପଞ୍ଚୁକ ମଧ୍ୟରେ ପଡୁଥିବା ଶୁକ୍ଳ ଦ୍ୱାଦଶୀ ତିଥିରେ ରତ୍ନ ସିଂହାସନରେ ଅଧିଷ୍ଠିତ ଠାକୁରଙ୍କ ପଞ୍ଚକ ପାଞ୍ଚ ଦିନରେ ଯଥା ଏକାଦଶୀରେ ଲକ୍ଷ୍ମୀ ନାରାୟଣ ବେଶ, ଦ୍ୱାଦଶୀରେ ବାଙ୍କଚୁଡା ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ, ଚତୁର୍ଦ୍ଦଶିରେ ଲକ୍ଷ୍ମୀ ନୃସିଂହ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ରାଜ ରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥାଏ । ଯେତେବେଳେ ଅକ୍ରୁର ମହାରାଜା କଂସଙ୍କ ନିର୍ଦ୍ଦେଶରେ ଭଗବାନ ଶ୍ରୀକୃଷ୍ଣ ଏବଂ ବଳରାମଙ୍କୁ ଆଣିବା ପାଇଁ ଗୋପପୁରକୁ ଯାଇଥିଲେ ଭଗବାନ କୃଷ୍ଣ ବଳରାମ ଅକ୍ରୁରକୁ ବାଙ୍କଚୁଡା ବେଶରେ ଦର୍ଶନ ଦେଇଥିଲେ । ସେହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପୁରୀ ଶ୍ରୀମନ୍ଦିର ରେ ବହୁ ପୁରାତନ କାଳରୁ ବାଙ୍କଚୁଡା ବେଶ ପାଳିତ ହୋଇଆସୁଛି । ପୁରାଣରେ ବର୍ଣ୍ଣିତ ହୋଇଛି ତ୍ରିପୁରାସୁରକୁ ବଧ କରିବା ପାଇଁ ମହାଦେବ ଶିବଙ୍କୁ ତ୍ରିପୁରାରୀ ରୂପ ଗ୍ରହଣ କରିବାକୁ ପଡିଥିଲା । ତ୍ରିପୁରାସୁରଙ୍କ ବଧରେ ଦେବତାମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ଏହି ଦିନଟିକୁ ଦୀପାବଳି ରୂପେ ପାଳନ କରିଥିଲେ । ଶିଖମାନଙ୍କ ପାଇଁ କାର୍ତ୍ତିକ ପୂର୍ଣ୍ଣିମା ଅତ୍ୟନ୍ତ ପବିତ୍ର ଦିନ କାରଣ ତାହା ଧର୍ମଗୁରୁ ନାନକଙ୍କର ଜନ୍ମଦିନ । କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନକୁ ପଞ୍ଚକ କୁହାଯାଏ ଓ ଶେଷ ଦିନଟି କାର୍ତ୍ତିକ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ କଳିଙ୍ଗର ସାଧବ ରାଜପୁତ୍ର ମାନେ ପାଲଟଣା ବୋଇତ ମାଧମରେ ସ୍ୱଦେଶୀ ସାମଗ୍ରୀ ନେଇ ଜାଭା, ସୁମିତ୍ରା, ବାଲିଦୀପ, ସିଂହଳ ପରି ସ୍ଥାନକୁ ବାଣିଜ୍ୟ କରିବାକୁ ଯାତ୍ରା କରୁଥିଲେ, ବିକ୍ରି କରି ଆଷାଢ଼ ମାସରେ ଅଜସ୍ର ଧନସମ୍ପଦ ଧରି ସ୍ୱଦେଶ ଫେରୁଥିଲେ । କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ ଡ଼ଙ୍ଗା ଭସା ପର୍ବ ଏହା ସୂଚାଇ ଦିଏ । ଏହି ଉପଲକ୍ଷେ କଟକ ମହାନଦୀରେ ବୋଇତ ବନ୍ଦାଣ ଉତ୍ସବ ସହିତ ବାଲିଯାତ୍ରା ମହୋତ୍ସବ ଦୀର୍ଘ ଦିନ ଧରି ପାଳିତ ହୋଇଆସୁଛି । ତେଣୁ କାର୍ତ୍ତିକ ମାସର ମହତ୍ତ୍ୱ ଅନ୍ୟ ମାସ ତୁଳନାରେ ଶ୍ରେଷ୍ଠ ।


*ମୋ. ୭୦୦୮୯୩୬୩୭୩*

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**





ମନୁଷ୍ୟର ପାଗଳାମୀ, ଉନ୍ମାଦତା ବା ବାତୁଳତାକୁ ସାଧାରଣତଃ ସିଜୋଫ୍ରେନିଆ କୁହାଯାଏ । କଥା ହେଉଛି ଏହି ରୋଗକୁ ନେଇ ଲୋକମାନେ ଯାହା ଭାବନ୍ତି ବାସ୍ତବରେ କିନ୍ତୁ ତାହା ନୁହେଁ । ସିଜୋଫ୍ରେନିଆ ମନୁଷ୍ୟର ବିଭ୍ରମ ବ୍ୟକ୍ତିତ୍ୱ ବା ବିକୃତ ବ୍ୟକ୍ତିତ୍ୱ ନୁହେଁ । କେବଳ ଏହା ଏକ ସାଙ୍ଘାତିକ ଓ ଜଟିଳ ମାନସିକ ରୋଗ । ସାଧାରଣତଃ କିଶୋର ବୟସରେ ଆରମ୍ଭ ହୋଇଥାଏ ସିଜୋଫ୍ରେନିଆ ।

# ସିଜୋଫ୍ରେନିଆ

> ଗବେଷଣାରୁ ଯାହା ଜଣାପଡ଼ିଛି ଜୈବ ଉତ୍ପତ୍ତି ସମ୍ବନ୍ଧୀୟ କାରଣକୁ ଦେଖିଲେ ମସ୍ତିଷ୍କରେ ଜୀବ ରାସାୟନିକ ପ୍ରଣାଳୀର ଅସମତା ଏହି ରୋଗ ହେବାରେ ସାହାଯ୍ୟ କରିଥାଏ । ସେହିପରି ଏହା ପଛରେ ବଂଶଗତ କାରଣ ରହିଥାଏ ।

ଏହି ରୋଗରେ ବ୍ୟକ୍ତିର ଚିନ୍ତାଶକ୍ତି, ଭାବନା ଶକ୍ତି, ଅନୁଭବ ଶକ୍ତି ଓ ବ୍ୟବହାରରେ ଅତ୍ୟନ୍ତ ବିଶୃଙ୍ଖଳା ଦେଖାଦେଇଥାଏ । କେତେକ କ୍ଷେତ୍ରରେ ରୋଗୀଟି ଅତ୍ୟଧିକ ଉତ୍ତେଜିତ ବା ହିଂସ୍ର ହୋଇପଡ଼ିଥାଏ ଆଉ ବେଳେ ବେଳେ ଆତ୍ମ ମଗ୍ନତାର ଶିକାର ହୋଇ ଏକା ଏକା ନିଜ ଜଗତରେ ତନ୍ମୟ ହୋଇପଡ଼େ । ଏହାର ପ୍ରଧାନ ଲକ୍ଷଣ ଗୁଡ଼ିକ ହେଉଛି ଅନ୍ୟକୁ ସନ୍ଦେହ, ଅବିଶ୍ୱାସ, ଅବାନ୍ତରଭୟ, ଭୟଜନିତ ତୀବ୍ର ଆବେଗ, ଭ୍ରାନ୍ତ ଚିନ୍ତା, ଅଲୌକିକ କଥା ଶୁଣିବା, ଅଲୌକିକ କଥା ଦେଖିବା, ଅସ୍ୱାଭାବିକ ବ୍ୟବହାର, ନିଜ ଶରୀର ଓ କର୍ତ୍ତବ୍ୟ ପ୍ରତି ଅବହେଳା, ଅନିଦ୍ରା ଜନିତ ଶାରୀରିକ ଦୁର୍ବଳତା । ଏହି ରୋଗୀମାନେ ସ୍ୱଭାବିକ ବ୍ୟବହାର କରନ୍ତି ନାହିଁ । ରୋଗୀଟି ଭ୍ରମଧାରଣା ଉପରେ ଦୃଢ଼ ବିଶ୍ୱାସ କରି ସେହି ଅନୁଯାୟୀ କାର୍ଯ୍ୟକରିଥାଏ ଯାହାଦ୍ୱାରା ଦୋଷପୂର୍ଣ୍ଣ ଭାବନା ଓ ଅନୁଭବ ଏମାନଙ୍କ ବ୍ୟବହାରକୁ ଅସ୍ୱାଭାବିକ କରିଦେଇଥାଏ । ଏକ ପରିସଂଖ୍ୟାନରୁ ଜଣାପଡ଼େ ଯେ ଆମ ଦେଶରେ ଶତକଡ଼ା ଏକ ଭାଗ ଲୋକ ଏହି ରୋଗର ଶିକାର । ମନୁଷ୍ୟ ଜୀବନର ସବୁଠାରୁ ମୂଲ୍ୟବାନ ସମୟ କୁହାଯାଉଥିବା ୧୫ରୁ ୪୫ ବର୍ଷ ବୟସ ମଧ୍ୟରେ ଏହା ଆରମ୍ଭ ହୋଇଥାଏ ।

ଗବେଷଣାରୁ ଯାହା ଜଣାପଡ଼ିଛି ଜୈବ ଉତ୍ପତ୍ତି ସମ୍ବନ୍ଧୀୟ କାରଣକୁ ଦେଖିଲେ ମସ୍ତିଷ୍କରେ ଜୀବ ରାସାୟନିକ ପ୍ରଣାଳୀର ଅସମତା ଏହି ରୋଗ ହେବାରେ ସାହାଯ୍ୟ କରିଥାଏ । ସେହିପରି ଏହା ପଛରେ ବଂଶଗତ କାରଣ ରହିଥାଏ । ବଂଶର ଇତିହାସରୁ ଜଣାପଡ଼େ ଯେ ଯେଉଁ ପରିବାରରେ ପୂର୍ବରୁ ଏ ରୋଗ ଥାଏ ସେହି ପରିବାରର ଲୋକମାନଙ୍କୁ ଅନ୍ୟମାନଙ୍କ ଅପେକ୍ଷା ଏ ରୋଗ ବେଶୀ ହୋଇଥାଏ । ସାଧାରଣ ଭାବରେ କହିବାକୁ ଗଲେ ବଂଶାନୁଗତିକ ଭାବରେ ହେଉଥିବା ସିଜୋଫ୍ରେନିଆ ଜଟିଳ ଓ ଚାପପୂର୍ଣ୍ଣ ପରିବେଶରେ ରହୁଥିବା ଲୋକଙ୍କଠାରେ ହେବାର ସମ୍ଭାବନା ଥାଏ । ଅନ୍ତରଙ୍ଗ ଆତ୍ମୀୟଙ୍କ ମୃତ୍ୟୁହେଉ ବା ନିରାଶା, ଗଭୀର ଭାବେ ଆଶା ରଖୁଥିବା ଘଟଣାଟି ପ୍ରକୃତ କାର୍ଯ୍ୟକାରୀ ହେଲେ ଏହାର ପ୍ରଭାବ ମନୁଷ୍ୟକୁ ଏହି ରୋଗ




ଆଡ଼କୁ ଟାଣିନେଇଥାଏ ।

ସିଜୋଫ୍ରେନିଆର ମୁଖ୍ୟ ଲକ୍ଷଣ ହେଉଛି ଏହି ରୋଗର ଶୀକାର ହୋଇଥିବା ରୋଗୀମାନଙ୍କର ମନସ୍ଥିର ରହିନଥାଏ । ଚିଡ଼ି ଚିଡ଼ି ହୁଅନ୍ତି, ଅନ୍ୟମନସ୍କ ରୁହନ୍ତି । କିଛି କାମ ନକରି ଲକ୍ଷ୍ୟହୀନ ଭାବରେ ବୁଲି ସମୟ ନଷ୍ଟ କରନ୍ତି । କେବଳ ସେତିକି ନୁହେଁ ଭୋକ ହୋଇନଥାଏ, ନିଦ୍ରାରେ ବ୍ୟାଘାତ ହୁଏ ସର୍ବୋପରି ନିଜର ସାଙ୍ଗ, ବନ୍ଧୁବାନ୍ଧବ ଓ ସମସ୍ତ ପ୍ରକାର ସାମାଜିକ କାର୍ଯ୍ୟରୁ ଦୂରେଇ ରୁହନ୍ତି । ଅନେକ ସମୟରେ ଅସତ୍ୟ କଥା ଉପରେ ରୋଗୀର ଦୃଢ଼ ଧାରଣା ଦେଖି ସିଜୋଫ୍ରେନିଆ ହୋଇଥିବାର ଜଣାପଡ଼େ । ଏହି ରୋଗର ଶିକାର ହୋଇଥିବା ରୋଗୀମାନଙ୍କୁ ଶୂନ୍ୟରୁ କଥା ଶୁଭିଥାଏ । ମନକୁ ମନ ଅସାମଞ୍ଜସ୍ୟ କଥାବାର୍ତ୍ତା କରନ୍ତି, ଜୋରରେ ହସନ୍ତି, ମୁହଁ ଓ ହାତର ବିକୃତ ଅଙ୍ଗଭଙ୍ଗୀ ଦେଖାନ୍ତି । ବେଳେ ବେଳେ ରାଗିଯାଇ ଜୀବନ ହାରିବା ପାଇଁ



ବିଭିନ୍ନ ଚେଷ୍ଟା ବି କରନ୍ତି । ରୋଗ ବହୁତ ଦିନ ଧରି ହେଲେ ରୋଗୀଟି ସଫାସୁତୁରା ହେବାକୁ ପସନ୍ଦ କରିନଥାଏ । ଏହି ରୋଗୀଙ୍କର ବାହାର ଦୁନିଆ ସହିତ ସମ୍ପର୍କ ରହେନି ।

ରୋଗୀକୁ ପ୍ରାଥମିକ ସ୍ତରରେ ମାନସିକ ରୋଗ ବିଶେଷଜ୍ଞଙ୍କ ନିକଟକୁ ନିଅନ୍ତୁ । ପ୍ରଥମରୁ ଚିକିତ୍ସା ଆରମ୍ଭ ହେଲେ ସମ୍ପୂର୍ଣ୍ଣ ଆରୋଗ୍ୟର ସମ୍ଭାବନା ବେଶୀଥାଏ । ରୋଗୀମାନଙ୍କୁ ଡାକ୍ତରୀ ଚିକିତ୍ସା, ମନସ୍ତାତ୍ତ୍ୱିକ ଚିକିତ୍ସା ଓ ସାମାଜିକ ଥଇଥାନ ଦ୍ୱାରା ଆରୋଗ୍ୟ ପାଇଁ ପ୍ରଚେଷ୍ଟା କରାଯାଏ । ଡାକ୍ତରୀ ଚିକିତ୍ସାରେ ରୋଗୀଟି ପାଇଁ ହାଲୋପେରିଡଲ, ଓଲାନଜାପିନ୍, ରିସ୍ପେରିନ୍, ଆମିସଲ୍ପିରାଇଡ ଆଦି ଔଷଧ ବ୍ୟବହାର କରାଯାଏ । ମନସ୍ତାତ୍ତ୍ୱିକ ଚିକିତ୍ସାରେ ପରିବାର ଓ ପରିଜନଙ୍କଠାରୁ ଉତ୍ସାହ, ସାହାଯ୍ୟ ସହଯୋଗ ରୋଗକୁ କିଛିକାଂଶରେ ପ୍ରଶମିତ କରିଥାଏ । ସାମାଜିକ ଥଇଥାନ କ୍ଷେତ୍ରରେ ରୋଗୀଟି ଆରୋଗ୍ୟ ଲାଭ ପରେ ତା'ର କାର୍ଯ୍ୟ ଦକ୍ଷତା ପାଇଁ ଏକ ଉପାର୍ଜନକ୍ଷମ କାର୍ଯ୍ୟରେ ନିୟୋଜିତ



[illegible] ହୁଏ । ଫଳରେ ସେ ସାଧାରଣ ସୁସ୍ଥ ଲୋକପରି ଚଳିବାକୁ ସକ୍ଷମ ହୁଏ । ଆରୋଗ୍ୟତାର ପରିମାଣ ଚିକିତ୍ସା ଆରମ୍ଭର ସମୟ ଉପରେ ନିର୍ଭର କରେ । ପ୍ରାଥମିକସ୍ତରରେ ରୋଗ ଚିହ୍ନଟ ହୋଇ ଚିକିତ୍ସା ହେଲେ ସଂପୂର୍ଣ୍ଣ ଆରୋଗ୍ୟ ସମ୍ଭବ । ଏହି ରୋଗୀରେ ସାଧାରଣତଃ ଶତକଡ଼ା ତିରିଶରୁ ଚାଳିଶ ଭାଗ ରୋଗୀ ସମ୍ପୂର୍ଣ୍ଣ ଭଲ ହୋଇଯାଉଛନ୍ତି । ତେବେ ଏ କ୍ଷେତ୍ରରେ ଗୁରୁ ଦାୟିତ୍ୱ ରହିଛି ପରିବାରର ଉପରେ । ରୋଗୀକୁ ସବୁପ୍ରକାର ମନସ୍ତାତ୍ତ୍ୱିକ ସହଯୋଗ ଓ ଉତ୍ସାହ ଦେବା ପରିବାରର ଦାୟିତ୍ୱ । ସେହିପରି ରୋଗୀ ଯେମିତି ନିୟମିତ ଭାବରେ ଔଷଧ ସେବନ କରିବ ତାହା ଦେଖିବା ମଧ୍ୟ ପରିବାରର ଦାୟିତ୍ୱ । ରୋଗୀଟି କରୁଥିବା ଛୋଟ ଛୋଟ କାର୍ଯ୍ୟକୁ ଦେଖି ପ୍ରଶଂସା କଲେ ତା'ର କାର୍ଯ୍ୟଦକ୍ଷତା ଓ ଆତ୍ମ ବିଶ୍ୱାସ ବଢ଼ିବ । ରୋଗୀଟିର ଅସ୍ୱାଭିକ କଥାବାର୍ତ୍ତାକୁ ଗୁରୁତ୍ୱ ନଦେଇ ବରଂ ସ୍ନେହଶୀଳ ଭାବେ ପ୍ରବୋଧନା ଦିଅନ୍ତୁ । ରୋଗୀଟିର କାର୍ଯ୍ୟକୁ ଉପେକ୍ଷା ନକରି ବରଂ ଧୈର୍ଯ୍ୟର ସହିତ ତା'ର କଥା ଶୁଣନ୍ତୁ । କୌଣସି କ୍ଷେତ୍ରରେ ତାଙ୍କୁ ବିଦ୍ରୁପ, ବା ସମାଲୋଚନା କରନ୍ତୁ ନାହିଁ । ସିଜୋଫ୍ରେନିଆ ରୋଗ ଏକ ନୈରାଶ୍ୟଜନକ ରୋଗ ନୁହେଁ । ରୋଗୀର ପାରିବାରିକ ଓ ସାମାଜିକସ୍ଥିତି ଫେରିପାଇବାର ବହୁତ ଆଶା ରହିଥାଏ । ଏ ରୋଗ ପାଇଁ ରୋଗୀର ପରିବାର ଦାୟୀ ନୁହେଁ କିନ୍ତୁ ଆରୋଗ୍ୟ ଲାଭ ନିର୍ଭର କରିଥାଏ ଚିକିତ୍ସକଙ୍କ ସହ ବନ୍ଧୁ, ପରିବାର ଏବଂ ପାରିବାରିକ ପରିବେଶ ଉପରେ ।

**ଡାକ୍ତର ସମ୍ରାଟ କର**
***ମାନସିକ ରୋଗ ବିଭାଗ,***
***ପୁରୀଘାଟ ରୋଡ଼, କଟକ***





# ମାନସିକ ଶଙ୍କା

ମଣିଷର ସୁସ୍ଥତା କେବଳ ତା'ର ଶାରୀରିକ ସତେଜତାକୁ ବୁଝାଏ ନାହିଁ । ମାନସିକ ଅସୁସ୍ଥତା ଏବଂ ଅସନ୍ତୁଳନ ମଧ୍ୟ ଶାରୀରିକ ସୁସ୍ଥତାକୁ ପ୍ରଭାବିତ କରିପାରେ । ମନ ସୁସ୍ଥ ଏବଂ ସତେଜ ନରହିଲେ ବିଭିନ୍ନ ସମସ୍ୟା ଦେଖାଦିଏ । ଏବେ ଦେଖାଯାଉଛି ଅଧିକାଂଶ ଲୋକ ମାନସିକ ଅସୁସ୍ଥତାର ଶିକାର । ଏଇଭଳି ଏକ ମାନସିକ ଅସୁସ୍ଥତାର ନାଁ ହେଲା– 'ସିଜୋଫ୍ରେନିୟା' । ଏହାକୁ ଓଡ଼ିଆରେ ମାନସିକ ଶଙ୍କା ବୋଲି ମଧ୍ୟ କୁହାଯାଏ । ଏ ସମସ୍ୟା ଭୋଗୁଥିବା ରୋଗୀ ସବୁବେଳେ ନିଜକୁ ଅସୁରକ୍ଷିତ ମନେ କରେ । ସବୁବେଳେ ଶଙ୍କାଗ୍ରସ୍ତ ଥାଏ । ସାରା ବିଶ୍ୱରେ ଏ ରୋଗ ଧୀରେ ଧୀରେ ତାର କାୟା ବିସ୍ତାର କରିଚାଲିଛି । ଭାରତରେ ପ୍ରତି ଶହେ ଜଣରେ ଜଣେ ଏ ରୋଗରେ ଆକ୍ରାନ୍ତ ହେଉଛନ୍ତି ।




### ମାନସିକ ଶଙ୍କା କ'ଣ

ମାନସିକ ଶଙ୍କା ବା ସିଜୋଫ୍ରେନିୟା ଏଭଳି ଏକ ମାନସିକ ସ୍ଥିତି ଯେଉଁଠି ମଣିଷର ଚିନ୍ତାଶକ୍ତି ଏବଂ ସମସ୍ୟା ସମାଧାନ କରିବାର ଶକ୍ତି ଠିକ୍‌ସେ କାମ କରେନାହିଁ । ଏଭଳି ଅବସ୍ଥାରେ ମଣିଷଟି କୌଣସି ସିଦ୍ଧାନ୍ତ ନେଇପାରେ ନାହିଁ । ସବୁବେଳେ ରୋଗୀଟି ଏକ କଳ୍ପନା ରାଜ୍ୟରେ ଥାଏ । ଧୀରେ ଧୀରେ ସେ ସନ୍ଦେହୀ ହୋଇପଡେ । ସିଜୋଫ୍ରେନିଆ ବିଭିନ୍ନ ପ୍ରକାରର ହୋଇଥାଏ । ସେଗୁଡ଼ିକ ଭିତରୁ ପେରାନଏଡ୍ ସିଜୋଫ୍ରେନିୟାରେ ଅଧିକାଂଶ ଲୋକ ଏବେ ଆକ୍ରାନ୍ତ ହେଉଛନ୍ତି ।

ପେରାନଏଡ ସିଜୋଫ୍ରେନିୟା ରୋଗୀ ନିଜ ଭାବନା ଏବଂ ଅନୁଭବକୁ ନିଜ ଆୟତ୍ତ ଭିତରେ ରଖିପାରେ ନାହିଁ । ନିଜ ଅନୁଭବ ସେ ଠିକଣା ଢଙ୍ଗରେ ଅନ୍ୟକୁ ପ୍ରକାଶ ମଧ୍ୟ କରିପାରେ ନାହିଁ । ଏଇଭଳି ସମସ୍ୟା ଲାଗି ରହିଲେ ରୋଗୀର ବ୍ୟବହାର ମଧ୍ୟ ବଦଳିଯାଏ । ଖୁବ୍ ଗୁମ୍‌ସୁମ୍ ରହିବାକୁ ସେ ପସନ୍ଦ କରେ ଧୀରେ ଧୀରେ । ଏକୁଟିଆ ରହିବାକୁ ତାକୁ ଅଧିକ ଭଲ ଲାଗେ । ନିଜ ଭାବନା ରାଜ୍ୟରେ ସେ ସବୁବେଳେ ବିଚରଣ କରୁଥାଏ । ଏ ସମସ୍ୟା ଲାଗି ରହିଲେ ନିଦ କମିଯାଏ । ଦୈନନ୍ଦିନ କାର୍ଯ୍ୟରେ ତା'ର ଆଉ ଆଗ୍ରହ ରହେ ନାହିଁ ।

### ସବୁବେଳେ ଶଙ୍କାଗ୍ରସ୍ତ ଥାଏ ରୋଗୀ

ସିଜୋଫ୍ରେନିୟା ରୋଗୀ ଗାଧୋଇବାକୁ, ଏଭଳିକି ଲୁଗାପଟା ବଦଳାଇବାକୁ ମଧ୍ୟ ଚାହେଁ ନାହିଁ । ଖାଇବାର ଶୈଳୀ ଏବଂ ରୁଚି ମଧ୍ୟ ତା'ର ବଦଳିଯାଏ । ଆଖପାଖର ଲୋକ ତାକୁ ବିରକ୍ତିକର ମନେ ହୁଅନ୍ତି । ରୋଗ ପୁରୁଣା ହେଲେ ରୋଗୀ ଧୀରେ ଧୀରେ ସମସ୍ତଙ୍କୁ ସନ୍ଦେହ କରିବାକୁ ଲାଗେ । ବିଭିନ୍ନ ଅଜଣା ଶବ୍ଦ ତାକୁ ଶୁଣାଯାଏ । ତାକୁ ସବୁବେଳେ ମନେହୁଏ, କେହି ଯେମିତି ତା'ର ପିଛା କରୁଛି ସବୁବେଳେ । ତା'ର ଗତିବିଧି ଲକ୍ଷ୍ୟ କରୁଛି ଲୁଚିଲୁଚି ।



### ଏକାକୀତ୍ୱ ମାଡ଼ିବସେ

ଅନ୍ୟ ଜଣେ କ'ଣ ଭାବୁଛି, ବେଳେବେଳେ ତାକୁ ମଧ୍ୟ ସେ ସନ୍ଦେହ କରେ । ନିଜେ ନିଜ ସହ କଥା ହୁଏ ସିଏ । ଧୀରେ ଧୀରେ ବାସ୍ତବତା ଠାରୁ ଦୂରେଇଯାଏ । ସତକୁ ମାନିବାରୁ ରାଜି ହୁଏନି । ରୋଗୀକୁ ମନେହୁଏ ସତେ ଯେମିତି ସମସ୍ତେ ତା' ବିରୋଧରେ କୌଣସି ଏକ ଷଡଯନ୍ତ୍ର ରଚୁଛନ୍ତି । ସବୁବେଳେ ସିଏ ଭାବେ ସମସ୍ତେ ତାଙ୍କୁ ମାରିବାକୁ ସୁଯୋଗ ଉଣ୍ଡୁଛନ୍ତି । ଏଇ କାରଣରୁ ସିଏ ସମସ୍ତଙ୍କ ଠାରୁ ଦୂରେଇ ରହିବାକୁ ଚାହେଁ ।

ବେଳେବେଳେ ରୋଗୀଟି ଅତ୍ୟଧିକ ଶଙ୍କାଗ୍ରସ୍ତ ହୋଇ ନିଜ ଉପରେ କିମ୍ବା ଅନ୍ୟ ଉପରେ ଶାରୀରିକ ଅତ୍ୟାଚାର ମଧ୍ୟ କରିପାରେ । ସମସ୍ୟା ଅଣାୟତ୍ତ ହେଲେ ରୋଗୀ ନିଜ ଜୀବନ ମଧ୍ୟ ହାରିବାକୁ ଚେଷ୍ଟା କରେ ।

### କାହିଁକି ଏଭଳି ହୁଏ

ବିଶେଷଜ୍ଞମାନେ କହନ୍ତି– ଏ ରୋଗ ଯେକୌଣସି ବୟସରେ ହୋଇପାରେ । କିନ୍ତୁ ସାଧାରଣତଃ ଦେଖାଯାଏ ପୁରୁଷମାନେ ୧୬ ବର୍ଷରୁ ୨୦ ବର୍ଷ ବୟସ ମଧ୍ୟରେ ଏ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଠିକ୍ ସେଇଭଳି ମହିଳାମାନେ ୨୦ ବର୍ଷରୁ ୩୦ ବର୍ଷ ବୟସରେ ଏ ରୋଗର କବଳରେ ପଡ଼ିଥାନ୍ତି । ସାରା ବିଶ୍ୱରେ ପ୍ରାୟ ଏକ ପ୍ରତିଶତ ଲୋକ ଏ ସମସ୍ୟାରେ ପୀଡିତ ଅଛନ୍ତି ।

- ମସ୍ତିଷ୍କରେ (ବାୟୋକେମିକାଲ ଚେଞ୍ଜ) କୌଣସି ରାସାୟନିକ ପରିବର୍ତ୍ତନ ଘଟିଲେ ଏ ସମସ୍ୟା ଦେଖାଦେଇଥାଏ ।
- ଡୋପାମାଇନ୍ ନାମକ ଏକ ହରମୋନ୍ ଆମ ଚିନ୍ତା ଚେତନାକୁ ପ୍ରଭାବିତ କରିଥାଏ । ଏହାର ଅସନ୍ତୁଳନରେ ମଧ୍ୟ ଏଭଳି ସମସ୍ୟା ଦେଖାଦିଏ ।
- ବ୍ୟକ୍ତିଟି ଯଦି ଖୁବ୍ ଚୁପ୍‌ଚାପ୍ ପ୍ରକୃତିର ଏବଂ ନିଜ ସମସ୍ୟା ଅନ୍ୟକୁ ନକହି ନିଜ ଭିତରେ ରଖେ ଏବଂ ସାଙ୍ଗସାଥୀଙ୍କ ସହ ମିଳାମିଶା କମ୍ କରୁଥାଏ, ଏଭଳି ବ୍ୟକ୍ତି ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଦ୍ୱିଗୁଣ ଅଧିକ ।
- ପାରିବାରିକ ସମସ୍ୟା ବା ଅଧିକ ଦିନ ଚିନ୍ତାଗ୍ରସ୍ତ ରହିଲେ ଏ ସମସ୍ୟା ଦେଖାଦେଇଥାଏ । କର୍ମକ୍ଷେତ୍ର ଏବଂ ବ୍ୟବସାୟିକ ଚାପ ମଧ୍ୟ ମାନସିକ ସନ୍ତୁଳନକୁ କ୍ଷତିଗ୍ରସ୍ତ କରାଇ ସିଜୋଫ୍ରେନିୟା ଭଳି ରୋଗକୁ ଡାକିଆଣିପାରେ ।
- ଆନୁବଂଶିକ କାରଣ ମଧ୍ୟ ରହିଛି ଏ ରୋଗର ଶିକାର ହେବା ପାଇଁ । ଯଦି କୌଣସି ନିକଟ ସମ୍ପର୍କୀୟ କିମ୍ବା ଦୂର ସମ୍ପର୍କୀୟଙ୍କ ଠାରେ ଏ ସମସ୍ୟା ଥାଏ ତା'ହେଲେ ମଧ୍ୟ ଏ ରୋଗ ଦେଖାଦେଇପାରେ ।
- ବାପା–ମା, ଭାଇ–ଭଉଣୀ କାହାରିକୁ ଏ ରୋଗ ହୋଇଥିଲେ ବା ଆଗରୁ କେବେ ହୋଇଥିଲେ ସେ ବ୍ୟକ୍ତିକୁ ଏ ରୋଗ ହେବାର ସମ୍ଭାବନା ଶତକଡ଼ା ୬୦ ।

### ସହଯୋଗ ଜରୁରୀ

ଏ ରୋଗରୁ ରୋଗୀକୁ ମୁକୁଳାଇବା ପାଇଁ ଆତ୍ମୀୟଙ୍କ ସହଯୋଗ ଖୁବ୍ ଜରୁରୀ । ଏଭଳି ରୋଗୀକୁ କେବେ ଏକୁଟିଆ ଛାଡନ୍ତୁ ନାହିଁ । ତା'ସହ ଖୋଲାଖୋଲି ଆଲୋଚନା କରନ୍ତୁ । ତା'ଇଚ୍ଛା ଏବଂ ଅନୁଭବକୁ ଗୁରୁତ୍ୱ ଦିଅନ୍ତୁ । ସବୁବେଳେ କୌଣସି ନା କୌଣସି କାମରେ ରୋଗୀକୁ ବ୍ୟସ୍ତ ରଖନ୍ତୁ । ତା' ଆଗରେ ଅନ୍ୟର ସଫଳତା ବଖାଣନ୍ତୁ ନାହିଁ । ଯୋଗ ଏବଂ ପ୍ରାଣାୟାମ ଖୁବ୍ ଉପଯୋଗୀ ଏଭଳି ରୋଗୀଙ୍କ ପାଇଁ ।

### ଜିନ୍ ପାଇଁ ଏ ସମସ୍ୟା ହୋଇପାରେ


ଗବେଷଣାରୁ ଜଣାଯାଇଛି ସିଜୋଫ୍ରେନିୟା ପାଇଁ ଜିନ୍‌କୁ ଦାୟୀ କରାଯାଇପାରେ । ଯଦି ବାପା–ମା କିମ୍ବା ପରିବାରରେ କାହା ପାଖରେ ଏ ସମସ୍ୟା ଥାଏ ତା'ହେଲେ ଗୁଣସୂତ୍ର ଜରିଆରେ ଏ ରୋଗ ଆସିପାରେ ସମ୍ପର୍କୀୟଙ୍କ ପାଖକୁ । କିନ୍ତୁ ମନୋଚିକିତ୍ସା ଏବଂ କାଉନସେଲିଂ ମାଧ୍ୟମରେ ଏ ରୋଗକୁ ଦୂର କରାଯାଇପାରେ ।

ଆପଣଙ୍କ ସବୁଠୁ ପ୍ରିୟ ସିନେମା ହିରୋଇନଙ୍କ ନାଁ ଆପଣଙ୍କର ମନେପଡୁନି କି ? ଆପଣଙ୍କ ସ୍କୁଲ ସାଥୀଙ୍କ ଭିତରୁ ଅନେକଙ୍କ ନାଁ ଆଉ ମନେପଡୁନି ଏବେ । ଗପ ଆରମ୍ଭ କରି ଶେଷଆଡ଼କୁ ମନେପଡୁନି ଯେଉଁ ବିଷୟରେ ଆପଣ ଆଲୋଚନା ଆରମ୍ଭ କରିଥିଲେ । ଖୁବ୍ ଚିହ୍ନା ଆତ୍ମୀୟଙ୍କ ନାଁ ଅନେକ ଚେଷ୍ଟା କରି ମଧ୍ୟ ମନେପଡୁନି– ଏମିତି ଯଦି ହେଉଥାଏ, ତା'ହେଲେ ଏହାକୁ ହେଳା କରନ୍ତୁ ନାହିଁ । ଆପଣ ବୋଧେ 'ଆଲ୍‌ଜାଇମର୍'ର ଶିକାର ହୋଇଛନ୍ତି ।



# ଭୁଲା ରୋଗ





ଜୀବନଶୈଳୀର ପରିବର୍ତ୍ତନ ଏବଂ ଚାପଗ୍ରସ୍ତ ଜୀବନ ଏହାର ଏକମାତ୍ର କାରଣ ।

ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି– ଯେଉଁ ମହିଳାମାନେ ଅଳ୍ପ ବୟସରୁ ସମସ୍ୟା ଏବଂ ମାନସିକ ଚାପରେ ରହୁଛନ୍ତି, ସେମାନେ ମଧ୍ୟବୟସରେ ପହଞ୍ଚିବା ସମୟରେ 'ଆଲ୍‌ଜାଇମ୍‌ର'ର ଶିକାର ହେଉଛନ୍ତି । ସାଧାରଣ ମହିଳାଙ୍କ ଠାରୁ ଚାପଗ୍ରସ୍ତ ବ୍ୟସ୍ତ ମହିଳାଙ୍କ କ୍ଷେତ୍ରରେ ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଦି'ଗୁଣ ଅଧିକ । ସାଧାରଣ ହସଖୁସିରେ ରହୁଥିବା ମହିଳାମାନଙ୍କ କ୍ଷେତ୍ରରେ ଏ ସମସ୍ୟାର ଭୟ ମାତ୍ର ୨୦ ପ୍ରତିଶତ ।

ନିକଟରେ ଆମେରିକାର ୱାଶିଂଟନ ଠାରେ 'ଓମ୍ୟାନ ହେଲ୍‌ଥ ଅର୍ଗାନାଇଜେସ୍‌ନ' ତରଫରୁ ଆୟୋଜିତ ଏକ ଆଲୋଚନାଚକ୍ର ଏବଂ କର୍ମଶାଳାରେ ଦେଶବିଦେଶର ବହୁ ବିଜ୍ଞ ବିଶେଷଜ୍ଞ ଏକାଠି ହୋଇ ସେମାନଙ୍କ ମତବ୍ୟକ୍ତ କରିଥିଲେ । ସେମାନଙ୍କ ମତ ଥିଲା– ମହିଳାମାନଙ୍କର ଯେତେ ସମସ୍ୟା ରହିଛି, ତା' ଭିତରୁ ମାନସିକ ଚାପ ଏବଂ ଚିନ୍ତା ମୁଖ୍ୟ ସ୍ଥାନ ଅଧିକାର କରିଛି । ଏଇସବୁ ମାନସିକ ଚାପ ଅନ୍ୟାନ୍ୟ ରୋଗକୁ ଡାକିଆଣୁଛି ।

**ଷ୍ଟ୍ରେସ୍ :** କ୍ରମାଗତ ବ୍ୟସ୍ତତା, ଚିଡ଼ଚିଡାପଣ, ଭୟ, ଅସହାୟତା, ନିଦ୍ରାହୀନତା ଏସବୁ ଆଲ୍‌ଜାଇମର୍‌କୁ ଡାକି ଆଣିଥାଏ ।

ଡିମେନ୍‌ସିୟାର ଅନ୍ୟ ଏକ ରୂପ ହେଲା 'ଆଲ୍‌ଜାଇମର୍' । ଏ ଅବସ୍ଥାରେ ମସ୍ତିଷ୍କର କାର୍ଯ୍ୟପ୍ରଣାଳୀରେ ବାଧା ଉପୁଜିଥାଏ । ଏଭଳି ଷ୍ଟ୍ରେସ୍ ବା ମାନସିକ ଚାପ ଅଧିକ ଦିନ ବଜାୟ ରହିଲେ ମସ୍ତିଷ୍କ ଦୁର୍ବଳ ହୋଇପଡେ । ଫଳରେ ସେ ବ୍ୟକ୍ତିର ଶିଖିବା କ୍ଷମତା ବା ତଥ୍ୟ ଆହରଣର କ୍ଷମତା ଏବଂ ଭାବବିନିମୟ କ୍ଷମତା ମଧ୍ୟ କମିଆସେ । କେଉଁ ଜିନିଷ କେଉଁଠି ରହିଛି ମନେପଡ଼େନି । ଅନେକ



ଜରୁରୀ କଥା ମନେପଡ଼େନି । କଥାବାର୍ତ୍ତା କରିବା ସମୟରେ ବିଷୟବସ୍ତୁ ଭୁଲିଯିବା ଏ ରୋଗର ପ୍ରଧାନ ଲକ୍ଷଣ ।

ମନୋବିଜ୍ଞାନୀ ଡାକ୍ତର ଅଜୟ ଶୁକ୍ଳା କହନ୍ତି– କ୍ରମାଗତ ସମସ୍ୟା ଏବଂ ଦୁଃଶ୍ଚିନ୍ତାରେ ରହିଲେ ମସ୍ତିଷ୍କ ଶୁଷ୍କ ହୋଇ ଛୋଟ ହୋଇଯାଏ । ଫଳରେ ଚିନ୍ତା ଶକ୍ତି ଏବଂ ମନେ ରଖିବାର କ୍ଷମତା ବିଶେଷକରି (ସର୍ଟ ଟର୍ମ ମେମୋରି) କମିଯାଏ । ଫଳରେ କିଛି ମନେପଡ଼େନି ।

**ଦାୟିତ୍ୱ ବୃଦ୍ଧି :** ମହିଳାମାନଙ୍କ ଠାରେ ଏ ସମସ୍ୟା ଅଧିକ ଦେଖାଯିବାର କାରଣ ହେଲା– ମହିଳାମାନଙ୍କୁ ଏକାଠି ଅନେକ କାମ କରିବାକୁ ପଡିଥାଏ ।

ମନୋବିଜ୍ଞାନୀ ସୁନୀଲ ଅଗ୍ରୱାଲ କହନ୍ତି– ଚାକିରି, ସଂସାର, ପିଲାଙ୍କ ପାଠପଢା, ସପିଂ ଏସବୁ ଏକାଠି ସମ୍ଭାଳିବାକୁ ପଡେ ମହିଳାମାନଙ୍କୁ । ଏଥିରୁ ଗୋଟେ ଯଦି ଅଟକିଯାଏ ଏବଂ ହୋଇନପାରେ ତା'ହେଲେ ମାନସିକ ଚାପ ବଢିଯାଏ ।

ଏବେ ଏ ରୋଗ ବାର୍ଦ୍ଧକ୍ୟର ରୋଗ ବୋଲି କହୁଛନ୍ତି ବିଜ୍ଞାନୀମାନେ । ବାର୍ଦ୍ଧକ୍ୟରେ ପହଞ୍ଚିଲେ ମନକୁ ମନ ମସ୍ତିଷ୍କ ଶୁଷ୍କ ହୋଇପଡେ । ତେଣୁ ଏ ସମସ୍ୟା ଦେଖାଦିଏ । କିନ୍ତୁ ବିଭିନ୍ନ ଚାପ ଯୋଗୁଁ ମଧ୍ୟ ମସ୍ତିଷ୍କ ଶୁଖିଯାଇପାରେ । ଏ ରୋଗ ହେଲେ ମସ୍ତିଷ୍କରେ 'ଏମିଲାୟଡ୍ ଫ୍ଲେକ୍ସ' ନାମକ ଅନେକ ଛୋଟ ଛୋଟ ସଂରଚନାର ନିର୍ମାଣ ହୋଇଥାଏ ମନକୁ ମନ । ଯେଉଁଗୁଡ଼ିକ ମସ୍ତିଷ୍କର କୋଷିକାକୁ ଚାରିପଟୁ ଘେରିଯାନ୍ତି । ଫଳରେ ସ୍ମୃତିଶକ୍ତି କମିଯାଏ ।

ବିଶ୍ୱରେ ୧ କୋଟି ୬୦ ଲକ୍ଷ ଲୋକ ଏ ସମସ୍ୟାରେ ଏବେ ଘାଣ୍ଟି ହେଉଛନ୍ତି । ୨୦୧୫ ମସିହା ବେଳକୁ ଏ ରୋଗ ଦୁଇଗୁଣ ହୋଇଯିବ ବୋଲି ଗବେଷଣାରୁ ଜଣାଯାଇଛି । ମହିଳାମାନେ ଏ ରୋଗରେ ଅଧିକ ଘାଣ୍ଟି ହେଉଛନ୍ତି ବୋଲି ଜଣାଯାଇଛି ।

**ପ୍ରତିକାର :** ମସ୍ତିଷ୍କକୁ ଭାରାକ୍ରାନ୍ତ ନକରି ଖୁସି ରହିଲେ ଏ ରୋଗ ଦୂରେଇଯିବ ।

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 26th October, 2025 Sunday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ଯୁବରାଜଙ୍କ ୬ ଛକା କ୍ରିକେଟ୍ ଦୁନିଆର ଅଭୁଲା ସ୍ମୃତି

**ନୂଆଦିଲ୍ଲୀ,୨୫।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

୧୮ ବର୍ଷ ପରେ ସତ ସ୍ୱୀକାର କଲେ ଇଂଲଣ୍ଡର ପୂର୍ବତନ ଅଲରାଉଣ୍ଡର ଆଣ୍ଡ୍ରୁ ଫ୍ଲିଣ୍ଟଫ। ସେ ସେହି ଐତିହାସିକ ରାତିର ସତକୁ ସ୍ୱୀକାର କରିଛନ୍ତି, ଯେବେ ଯୁବରାଜ ସିଂ ଟି-୨୦ ବିଶ୍ୱକପ୍ ୨୦୦୭ରେ ଇଂଲଣ୍ଡ ବିପକ୍ଷରେ ଗୋଟିଏ ଓଭରରେ ମାରିଥିଲେ ଛଅ ଛକା। ଫ୍ଲିଣ୍ଟଫ ମାନିଛନ୍ତି ଯେ, ମ୍ୟାଚ୍ ସମୟରେ ସେ



ଯୁବରାଜଙ୍କ ସହ ଯୁକ୍ତିତର୍କର ସବୁ ସୀମା ଲଙ୍ଘିଥିଲେ। ଆଉ ସେହି ମୁହୂର୍ତ୍ତ ଯୁବରାଜଙ୍କୁ ଜ୍ୱାଳାମୁଖୀରେ ପରିଣତ କରିଥିଲା। ଯୁବରାଜ ସେହି ସମୟରେ ଏମିତି ବ୍ୟାଟିଂ କଲେ, ଯାହା ସମଗ୍ର କ୍ରିକେଟ୍ ଦୁନିଆ ପାଇଁ ପାଲଟିଗଲା ଅଭୁଲା ସ୍ମୃତି।

୨୦୦୭ ସେପ୍ଟେମ୍ବର, ଦକ୍ଷିଣ ଆଫ୍ରିକାର ଡର୍ବାନରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳା ଯାଉଥିଲା। ଟି-୨୦ ବିଶ୍ୱକପର ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍। ଭାରତ ପ୍ରଥମେ ବ୍ୟାଟିଂ କରିଥିଲା ଏବଂ ଦଳ ୧୮ ଓଭର ସୁଦ୍ଧା କରିଥିଲା ୧୭୧ ରନ। ସେହି ସମୟରେ କ୍ରିଜରେ ସେଟ୍ ଥିଲେ ଯୁବରାଜ ସିଂ ଏବଂ ଦଳକୁ ଦ୍ରୁତ ରନ ଦରକାର ଥିଲା। ଏହା ମଧ୍ୟରେ ୧୮ତମ ଓଭର ପରେ ଫ୍ଲିଣ୍ଟଫ ଓ ଯୁବରାଜ ସିଂଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ଦୁଇ ଖେଳାଳି ପରସ୍ପରକୁ କିଛି ଏମିତି ଶବ୍ଦ ପ୍ରୟୋଗ କଲେ ଯାହା କ୍ୟାମେରାରେ ତ କଏଦ ହେଲା, ମାତ୍ର ଅଡିଓକୁ କେବେ ସାର୍ବଜନୀନ କରାଗଲା ନାହିଁ। ମାହୋଲ ପୂରା ସରଗରମ ଥିଲା। ଫ୍ଲିଣ୍ଟଫଙ୍କ କିଛି ଉସୁକାଇବା ପରି ଶବ୍ଦ ଯୁବରାଜଙ୍କୁ ବେଶ ବାଧିଥିଲା। ଏହା ପରେ ପଡିଆରେ ଯାହା ଘଟିଲା ତାହା କ୍ରିକେଟ୍ ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ହୋଇ ରହିଗଲା।

ଫ୍ଲିଣ୍ଟଫଙ୍କ ସହ ଝଗଡା ପରେ ପରେ ୧୯ତମ ଓଭର ବୋଲିଂ କରିଥିଲେ ଇଂଲଣ୍ଡର ଯୁବ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ। ଓଭରର ପ୍ରଥମ ବଲରେ ଯୁବରାଜ ଲମ୍ବା ଛକା ମାରିଥିଲେ। ଏହା ପରଠୁ ସେ ଆଉ ଅଟକି ନ ଥିଲେ, ଆଉ ଛଅ ବଲ୍‌ରେ ମାରିଥିଲେ ଛଅ ଛକା। ପୂରା ଷ୍ଟାଡିୟମ ଦର୍ଶକଙ୍କ କୋଳାହୋଳ, କରତାଳିରେ ଫାଟି ପଡୁଥିଲା। ଭାରତ ଏହି ଓଭରରେ ୩୬ ରନ ଯୋଡିଥିଲା ଏବଂ ଭାରତର ସ୍କୋର ୨୧୮/୪ରେ ପହଞ୍ଚିଥିଲା। ଭାରତ ଏହି ମ୍ୟାଚ୍‌କୁ ୧୮ ରନରେ ଜିତି ନେଇଥିଲା। ପରେ ଭାରତ ଫାଇନାଲରେ ପାକିସ୍ତାନକୁ ହରାଇ ଟି-୨୦ ବିଶ୍ୱକପ୍‌ର ପ୍ରଥମ ଟ୍ରଫି ଜିତିଥିଲା।

'ବିୟର୍ଡ ବିଫୋର ୱିକେଟ୍' ପଡକାଷ୍ଟରେ, ଆଣ୍ଡ୍ର ଫ୍ଲିଣ୍ଟଫ୍ ଏହି ଘଟଣା ବିଷୟରେ ଖୋଲାଖୋଲି ଭାବରେ ନିଜର ମତ ରଖିଛନ୍ତି। ସେ କହିଛନ୍ତି, ଯୁବରାଜ ଏବଂ ମୁଁ ପ୍ରାୟତଃ ପଡ଼ିଆରେ ମଜା କରୁଥିଲୁ। କିନ୍ତୁ ସେହି ଦିନ, ମୁଁ ବହୁତ କ୍ରୋଧିତ ଥିଲି। ମୋ ଗୋଡ଼ରେ ଆଘାତ ଲାଗିଥିଲା ଏବଂ ମୋତେ ଲାଗିଲା ଯେ ଏହା ମୋର ଶେଷ ମ୍ୟାଚ୍ ହୋଇପାରେ। ସେହି ହତାଶାରେ, ମୁଁ ଯୁବରାଜଙ୍କୁ ଏପରି କିଛି କହିଥିଲି ଯାହା ମୋତେ କହିବା ଉଚିତ୍ ନ ଥିଲା। ମୁଁ ସ୍ୱୀକାର କରୁଛି, ସେହି ଦିନ ମୁଁ ପଡ଼ିଆରେ ସବୁ ସୀମା ଟପିଥିଲି।

ଫ୍ଲିଣ୍ଟଫ୍ ଆହୁରି କହିଛନ୍ତି, 'ଯୁବରାଜଙ୍କ ରାଗ ଯଥାର୍ଥ ଥିଲା। ସେ ନିଜର ଏହି ରାଗ ଷ୍ଟୁଆର୍ଟ ବ୍ରଡଙ୍କ ଉପରେ ବ୍ୟାଟିଂ ଜରିଆରେ ଝାଡିଥିଲେଲେ। ପ୍ରକୃତରେ, ସେହି ଛକା ବ୍ରଡଙ୍କ ଓଭରରେ ନୁହେଁ, ମୋ ଉପରେ ମାରିବା ଉଚିତ ଥିଲା।

ଫ୍ଲିଣ୍ଟଫ୍ ସେହି ଓଭର ସମୟରେ ନିଜର ମାନସିକ ଅବସ୍ଥା ଉପରେ ମଧ୍ୟ ବିସ୍ତୃତ କହିଛନ୍ତି। ସେ କହିଛନ୍ତି, ଯେତେବେଳେ ଯୁବରାଜ ବ୍ରଡଙ୍କ ପ୍ରଥମ ବଲରେ ଛକା ମାରିଥିଲେ, ମୁଁ ବାଉଣ୍ଡରୀରେ ଫିଲ୍ଡିଂ କରୁଥିଲି। ସଟ୍ ମାରିବା ପରେ ସେ ସିଧା ମୋ ଆଡ଼କୁ ଚାହିଁଲେ। ମୁଁ ଭାବିଲି ଠିକ୍ ଅଛି, ମୋର କ୍ରୋଧ କମିଯିବ। କିନ୍ତୁ ତା'ପରେ ଦ୍ୱିତୀୟ ଛକା ଆସିଲା ଏବଂ ସେ ପୁଣି ମୋ ଆଡ଼କୁ ଚାହିଁଲେ। ତା'ପରେ ମୁଁ ଜାଣିଲି ଯେ କିଛି ବଡ଼ ଘଟିବାକୁ ଯାଉଛି।

ସେ କହିଛନ୍ତି, ଯେତେବେଳେ ପଞ୍ଚମ ଛକା ଲାଗିଲା, ମୁଁ ଭାବିଥିଲି ଯେ ଷଷ୍ଠ ମଧ୍ୟ ଆସିବ, ଏବଂ ଠିକ୍ ସେହିପରି ଘଟିଥିଲା। ମୁଁ ଏବେ ବି ମନେ ରଖିଛି ଯେ ସେହି ଓଭର ପରେ ସମଗ୍ର ଷ୍ଟାଡିୟମ ଫାଟି ପଡୁଥିଲା। ଏହା ଯୁବରାଜଙ୍କ ସ୍ମରଣୀୟ ମୁହୂର୍ତ୍ତ ଥିଲା।

ଫ୍ଲିଣ୍ଟଫ୍ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ସେହି ରାତିର ଘଟଣା ଯୁବରାଜ ସିଂହଙ୍କ କ୍ୟାରିୟରକୁ ନୂଆ ମୋଡ ଦେଇଥିଲା। 'ସେହି ଓଭର ପରେ, ଯୁବରାଜଙ୍କ ଆତ୍ମବିଶ୍ୱାସ ଏକ ନୂତନ ସ୍ତରରେ ପହଞ୍ଚିଥିଲା। ସେ କେବଳ ସେହି ମ୍ୟାଚ୍‌ରେ ନୁହେଁ ବରଂ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଚମତ୍କାର ଖେଳିଥିଲେ। ଏବଂ କିଛି ବର୍ଷ ପରେ, ସେହି ଖେଳାଳି ୨୦୧୧ ବିଶ୍ୱକପରେ ଭାରତକୁ ବିଜୟୀ କରାଇଥିଲେ।

ଉଲ୍ଲେଖନୀୟ ଯୁବରାଜ ସିଂହ ୨୦୧୧ ବିଶ୍ୱକପରେ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ଜିତିଥିଲେ। ସେ କର୍କଟ ରୋଗ ଭଳି ଗମ୍ଭୀର ରୋଗ ସହିତ ଲଢ଼ିବା ସତ୍ତ୍ୱେ ତାଙ୍କ କ୍ୟାରିୟରକୁ ନୂତନ ଶିଖରରେ ପହଞ୍ଚାଇଥିଲେ।

# ଅବସର ଚର୍ଚ୍ଚା ଭିତରେ ସିଡ୍‌ନୀରେ ରୋକୋ ଶୋ': ମ୍ୟାଚ୍ ଜିତିଲା ଭାରତ

**ସିଡ୍‌ନୀ,୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଅଷ୍ଟ୍ରେଲିଆର ସିଡ୍‌ନୀରେ ରୋକୋ ଶୋ'। ରୋକୋ ଜଲୱାରେ କମ୍ପିଲା ଷ୍ଟାଡିୟମ। ଅଷ୍ଟ୍ରେଲିଆ ବିପକ୍ଷ ଶେଷ ଦିନିକିଆରେ ଚମକିଛନ୍ତି ଟିମ ଇଣ୍ଡିଆର ଦୁଇ ଭେଟରାନ ରୋହିତ ଶର୍ମା ଓ ବିରାଟ କୋହଲି। ରୋକୋ ଜଲୱା ବଳରେ ଭାରତ ୯ ୱିକେଟ ଶେଷ ଦିନିକିଆକୁ ଜିତି ନେଇଛି। ପ୍ରଥମ ଦୁଇଟି ଦିନିକିଆ ହାରି ସିରିଜ ହାତ ଛଡା କରିଥିଲେ ହେଁ ଶୁବମନ ଗିଲଙ୍କ ଭାରତ ଶେଷ ମ୍ୟାଚ ଜିତି ସମ୍ମାନ ରକ୍ଷା କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଅଷ୍ଟ୍ରେଲିଆ ୪୬.୪ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୨୩୫ ରନ କରିଥିଲା। ଏହାର ଜବାବରେ ରୋକୋ ନିଜ ନିଜର ଜଲୱା ଦେଖାଇ ମ୍ୟାଚ୍‌କୁ ଏକତରଫା ଭାବେ ଭାରତ ସପକ୍ଷରେ କରିଛନ୍ତି। ଦୁଇ ଭେଟରାନଙ୍କ ଅବସର ଚର୍ଚ୍ଚା ଜୋର ଧରିଥିବା ବେଳେ ସେମାନେ ସିଡ୍‌ନୀରେ ଚମତ୍କାର ଇନିଂସ ଖେଳିଛନ୍ତି।

ରୋହିତ ଶେଷ ଯାଏ ୧୨୫ ବଲରେ ୧୨୧ ଓ ବିରାଟ ୮୧ ବଲରେ ୭୪ ରନ ଭାରତକୁ ୩୮.୩ ଓଭରରେ ବିଜୟ ଭେଟି ଦେଇଛନ୍ତି। ରୋହିତ ତାଙ୍କ ଇନିଂସରେ ୧୩ଟି ଚୌକା ଓ ୩ଟି ଛକା ମାରିଛନ୍ତି। ସେହିପରି ବିରାଟଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ୭ଟି ଚୌକା। ଭାରତ ଏକମାତ୍ର ବ୍ୟାଟର ଭାବେ କେବଳ ଶୁବମନ ଗିଲ ୨୪ଙ୍କୁ ହରାଇଥିଲା।

ପ୍ରଥମ ଦିନିକିଆରେ ଫେଲ ମାରିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ ରୋହିତ। ଏବେ ଶେଷ ଦିନିକିଆରେ ସେ ଶତକ ମାରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ୧୦୫ ବଲରେ ସେ ଶତକ ମାରି ଏବେ ବି ତାଙ୍କ ଭିତରେ ଆହୁରି




ଅନେକ ଖେଳ ରହିଥିବା ପ୍ରମାଣ କରି ଦେଖାଇଛନ୍ତି। ଦୀର୍ଘ ୨ ବର୍ଷ ପରେ ରୋହିତଙ୍କ ବ୍ୟାଟରୁ ଦିନିକିଆରେ ଦେଖିବାକୁ ମିଳିଛି ଶତକ। ସେ ଶେଷଥର ୨୦୨୩ ଅକ୍ଟୋବର ୧୧ରେ ଆଫଗାନ ବିପକ୍ଷ ଦିଲ୍ଲୀ ଦିନିକିଆରେ ୧୩୧ ରନ ଇନିଂସ ଖେଳିଥିଲେ।

ଏବେ ଅଷ୍ଟ୍ରେଲିଆ ବିପକ୍ଷ ସିଡ୍‌ନୀ ଦିନିକିଆରେ ତାଙ୍କ ବ୍ୟାଟରୁ ଶତକ ଦେଖିବାକୁ ମିଳିଛି। ରୋହିତଙ୍କ କ୍ୟାରିୟରର ଏହା ୫୦ତମ ଅନ୍ତର୍ଜାତୀୟ ଶତକ। ସେ ଦିନିକିଆରେ ୩୩ଟି, ଟେଷ୍ଟରେ ୧୨ଟି ଓ ଟି-୨୦ରେ ୫ଟି ଶତକ ମାରିଛନ୍ତି। ସେ ବିଶ୍ୱର ଏକମାତ୍ର ବ୍ୟାଟର ଯିଏ କ୍ରିକେଟର ୩ଟି ଫର୍ମାଟରେ ୫ କିମ୍ବା ତା'ଠାରୁ ଅଧିକ ଶତକ ହାସଲ କରିଛନ୍ତି।

ସେହିପରି ଅଷ୍ଟ୍ରେଲିଆରେ ଭ୍ରମଣକାରୀ ବ୍ୟାଟର ଭାବେ ସର୍ବାଧିକ ଶତକ ମାରିବାର ରେକର୍ଡ ମଧ୍ୟ ରୋହିତ ନିଜ ନାଁରେ କରି ନେଇଛନ୍ତି। ସେ ୩୩ଟି ଇନିଂସରେ ୬ଟି ଶତକ ମାରିଥିବା ବେଳେ ତାଙ୍କ ପଛକୁ ୩୨ଟି ଇନିଂସରେ ୫ଟି ଶତକ ସହ ବିରାଟ କୋହଲି ଓ ୪୯ଟି ଇନିଂସରେ ୫ଟି ଶତକ ସହ କୁମାର ସାଙ୍ଗାକାରା ରହିଛନ୍ତି।

ରୋହିତଙ୍କ ଶତକ ମାରିଥିବା ବେଳେ ଅନ୍ୟତମ ଭେଟରାନ ଖେଳାଳି ବିରାଟ ମଧ୍ୟ ବେଶୀ ପଛରେ ନାହାନ୍ତି। ପ୍ରଥମ ଦୁଇଟି ଦିନିକିଆରେ ଖାତା ଖୋଲି ପାରି ନଥିବା ବିରାଟ ଆଜି ଅର୍ଦ୍ଧଶତକ ହାସଲ କରିଛନ୍ତି। ଦୁଇଟି ଯାକ ଦିନିକିଆରେ ସେ ଶୂନରେ ଆଉଟ ହୋଇଥିବାରୁ ତାଙ୍କ ଅବସର ଚର୍ଚ୍ଚା ଜୋର ଧରିଥିଲା। ହେଲେ ଏବେ ସେ ଅର୍ଦ୍ଧଶତକ ହାସଲ କରି ସମସ୍ତଙ୍କ ମୁହଁ ବନ୍ଦ କରି ଦେଇଛନ୍ତି।

ଏହା ତାଙ୍କ ଦିନିକିଆ କ୍ୟାରିୟରର ୭୫ତମ ଅର୍ଦ୍ଧଶତକ। ସେହିପରି ସେ ଆଜି ୫୩ ରନ କରିବା କ୍ଷଣି ଦିନିକିଆ କ୍ରିକେଟରେ ସର୍ବାଧିକ ରନ ହାସଲକାରୀ କ୍ରିକେଟରଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେ କୁମାର ସାଙ୍ଗାକାରାଙ୍କ ୧୪୨୩୪ ରନକୁ ପଛରେ ପକାଇ ଦେଇଛନ୍ତି।

# ଗ୍ରାଉଣ୍ଡ ଜିରୋରେ ଦେଖାଯାଉନି ନୂଆ ଜିଏସଟିର ପ୍ରଭାବ

**କଟକ,୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ସେପ୍ଟେମ୍ବର ୨୨ ତାରିଖରୁ ସାରା ଦେଶରେ ନୂଆ ଜିଏସଟି ଦର ଲାଗୁ କରାଯାଇଛି। ଆଗରୁ ରହିଥିବା ଜିଏସଟି ଟିକସର ସରଳୀକରଣ ମୋଦୀ ସରକାର କରିଛନ୍ତି। ସାଧାରଣ ବର୍ଗର ଲୋକେ ଏହାର ସୁଫଳ ପାଉଥିବା ବେଳେ ଡିଲର କିମ୍ବା ସେଲ୍ସ ପଏଂଟରେ ବେପାରୀଙ୍କ ଲାଗି ଏହା ଏତେଟା ଫଳପ୍ରଦ ନୁହେଁ ବୋଲି କୁହାଯାଇଛି।

ତେବେ ଗ୍ରାଉଣ୍ଡ ଜିରୋ ରିପୋର୍ଟରୁ ମିଳିଥିବା ସୂଚନା ଅନୁସାରେ ଏବେ ମାଲଗୋଦାମ ଓ ଅନ୍ୟ କିଛି ଖୁଚୁରା ଜାଗାରେ ହ୍ରାସ ପାଇଥିବା ମୂଲ୍ୟ ଅନୁସାରେ ଘୋଷଣା



କରାଯାଇଥିବା ଜିନିଷର ମୂଲ୍ୟରେ ଦ୍ରବ୍ୟ ବିକ୍ରୟ କରାଯାଉନାହିଁ। ଖାଉଟିମାନେ ସରଳୀକୃତ ଜିନିଷଗୁଡିକରେ କିଛି ଜାଗାରେ ରିହାତି ପାଉଥିବା ବେଳେ ଅନ୍ୟ କିଛି ଜାଗାରେ ଏହା ଉପଲବ୍ଧ ହେଉନଥିବାରୁ ସମସ୍ୟା ଏବେ ମୁଣ୍ଡ ଟେକିଛି।

ଜଣେ ଖାଉଟି ଖାଇବା ତେଲ କିମ୍ବା ଟୁଥପେଷ୍ଟ କିମ୍ବା ସାବୁନ କିଣିବାକୁ ଗଲା ବେଳେ ବି ପୂର୍ବ ମୂଲ୍ୟ ଅନୁସାରେ ଧାର୍ଯ୍ୟ ମୂଲ୍ୟ ଦେଉଥିବା ପ୍ରତିକ୍ରିୟା ଦେଇଛନ୍ତି। ପ୍ରଶ୍ନ କରିବାରୁ ଦୋକାନୀମାନେ ସେସବୁ ଜିନିଷକୁ କମିଥିବା ମୂଲ୍ୟରେ ପାଇନଥିବାରୁ ବାଧ ହୋଇ ଷ୍ଟକ ଥିବା ମାଲ ପର୍ଯ୍ୟନ୍ତ ପୂର୍ବ ଦର ଅନୁସାରେ ବିକ୍ରି କରିବାକୁ ବାଧ ହେଉଥିବା କହିଛନ୍ତି। ମୋଦୀ ସରକାରଙ୍କ ସରଳୀକୃତ ଜିଏସଟି ଲାଗୁ ହୋଇଥିଲେ ବି ଏହା ପୂର୍ଣ୍ଣମାତ୍ରାରେ ଲାଗୁ ହୋଇନଥିବା ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ମିଳୁଛି। ସେହିପରି ବିଭିନ୍ନ ଇଲେକ୍‌ଟ୍ରୋନିକ୍ସ ଜିନିଷର ମୂଲ୍ୟରେ ହ୍ରାସ ଘଟିଥିବା ବେଳେ ଡିଲର କିମ୍ବା ସେଲ୍ସ ପଏଂଟରେ ଏଗୁଡିକର ପରିବର୍ତ୍ତିତ ମୂଲ୍ୟର ତାଲିକା ଲଗାଯାଉନଥିବାରୁ ବେଳେ ବେଳେ ଖାଉଟିମାନେ ସମସ୍ୟାରେ ପଡୁଥିବା ମତପ୍ରକାଶ କରିଛନ୍ତି। ଏପରିକି ଗ୍ରସରୀ ଦୋକାନରେ ବି ଏପ୍ରକାର ତାଲିକା ଲଗାଯାଉନଥିବାରୁ ବେଳେ ବେଳେ ଅସାଧୁଖୋର ଦୋକାନୀଙ୍କ ହାବୁଡରେ ସାଧାରଣ ବର୍ଗର ଖାଉଟି ପଡୁଛନ୍ତି। ନିରକ୍ଷର ଅପାଠୁଆ ବ୍ୟକ୍ତିଙ୍କର ସରଳତା ଓ ଅଶିକ୍ଷା କାରଣବଶତଃ ବହୁ ଖାଉଟି ପୂର୍ବ ମୂଲ୍ୟ ଅନୁସାରେ ବିଭିନ୍ନ ଜିନିଷ ଏବେ ବି କିଣୁଥିବା କହିଛନ୍ତି।

ବଡବଡ ଦୋକାନ କଥା ଛାଡନ୍ତୁ କିନ୍ତୁ ବିଭିନ୍ନ ଖୁଚୁରା ଦୋକାନୀଙ୍କ ବୈମାତୃକ ମନୋଭାବ ପାଇଁ ବହୁ ସାଧାରଣ ଖାଉଟି ହଇରାଣ ହେଉଥିବା ବି ନଜରକୁ ଆସିଛି। ଏନେଇ ଆଞ୍ଚଳିକ ଜିଏସଟି ବିଭାଗ ତୁହାକୁତୁହା ବିଭିନ୍ନ ଦୋକାନ ଓ ମଲରେ ଚଢାଉ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ସରକାରୀ ନିୟମ କାନୁନ ସମ୍ପର୍କରେ ଅବଗତ କରାଇବା ସହ ସଠିକ ପ୍ରୟୋଗୀକରଣ ଉପରେ ଗୁରୁତ୍ୱ ଦେବାକୁ ଏବେ ସଚେତନ ନାଗରିକ ମହାସଭା ଦାବି କରିଛି। ସହରରେ ବସବାସ କରୁଥିବା ବହୁ ସଂଖ୍ୟକ ଅପାଠୁଆ, ନିମ୍ନବର୍ଗର ଲୋକଙ୍କ ଲାଗି ସରକାର ଜିଏସଟିରେ ସରଳୀକରଣ କରିଛନ୍ତି ହେଲେ ଏହାକୁ ପୂର୍ଣ୍ଣମାତ୍ରାରେ ପ୍ରୟୋଗ କରିବା ଲାଗି ସବୁ ସ୍ତରରେ ମିଳିତ ଭାବେ ଉଦ୍ୟମ କରାଗଲେ ଏହି ପଦକ୍ଷେପ ଅନେକ ସୁଫଳ ଦେବ ବୋଲି ମତପ୍ରକାଶ ପାଇଛି। ଏନେଇ ବିଭିନ୍ନ ମହଲରେ ବ୍ୟାପକ ସଚେତନତା ସହ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### କାକିନାଡ଼ାରେ ଲ୍ୟାଣ୍ଡଫଲ୍...

କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ।

୨୮ ଓ ୨୯ ତାରିଖରେ ରାଜ୍ୟରେ ବର୍ଷା ସହିତ ପବନ ହୋଇପାରେ। ଗଜପତି, ଗଞ୍ଜାମ, ରାୟଗଡା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପବନର ବେଗ ଘଣ୍ଟାପ୍ରତି ୬୦ରୁ ୭୦ କିମି ରହିବାର ସମ୍ଭାବନା ରହିଛି। ତା' ସହିତ ଘଣ୍ଟାପ୍ରତି ୮୦ କିମି ବେଗରେ ଝଟକା ପବନ ହେବାର ସମ୍ଭାବନା ରହିଛି। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାରେ ଘଣ୍ଟାପ୍ରତି ୫୦ରୁ ୭୦ କିମି ବେଗରେ ପବନ ହେବାର ସମ୍ଭାବନା ଥିବା ବେଳେ ଘଣ୍ଟାପ୍ରତି ୭୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି ବୋଲି ମନୋରମା ମହାନ୍ତି କହିଛନ୍ତି। ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ସମୁଦ୍ରକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଗତକାଲି ସନ୍ଧ୍ୟା ସାଢ଼େ ୫ଟା ବେଳେ ସେହି ଅଞ୍ଚଳରେ ଏକ ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ଅବପାତରେ ଘନୀଭୂତ ହୋଇ ଆଜି ସକାଳ ସାଢ଼େ ୫ଟା ସୁଦ୍ଧା ସେହି କ୍ଷେତ୍ରରେ ରହିଛି। ଏହା ଆନ୍ଧ୍ରପ୍ରଦେଶର ବିଶାଖାପାଟନମଠାରୁ ୯୯୦ କିଲୋମିଟର ଦକ୍ଷିଣ-ପୂର୍ବରେ, ତାମିଲନାଡୁର ଚେନ୍ନାଇଠାରୁ ୯୯୦ କିମି ପୂର୍ବ-ଦକ୍ଷିଣ-ପୂର୍ବରେ, ଆନ୍ଧ୍ରପ୍ରଦେଶର କାକିନାଡାଠାରୁ ୧୦୦୦ କିମି ଦକ୍ଷିଣ-ପୂର୍ବ ଓ ଓଡିଶାର ଗୋପାଳପୁରଠାରୁ ୧୦୪୦ କିମି ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ ରହିଛି।

ସମ୍ଭାବ୍ୟ ବାତ୍ୟା ନେଇ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମନ୍ତ୍ରୀ କହିଛନ୍ତି ଯେ ଏହି ବାତ୍ୟା ଯୋଗୁ ରାଜ୍ୟର ପ୍ରାୟ ୧୫ ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ବିଶେଷକରି ଦକ୍ଷିଣାଞ୍ଚଳ ଓ ଉପକୂଳ ଜିଲ୍ଲାରେ ପ୍ରଭାବ ପଡିପାରେ। ଯଦି ବି ବାତ୍ୟା ଦିଗ ପରିବର୍ତ୍ତନ କରେ ତାହେଲେ ବି ସରକାର ପ୍ରସ୍ତୁତ ଅଛନ୍ତି। ଜଳସମ୍ପଦ, ପଞ୍ଚାୟତିରାଜ, କୃଷି ଓ ଶକ୍ତି ବିଭାଗକୁ ସଜାଗ କରାଯାଇଛି। ଅତୀତର ଅନୁଭୂତିକୁ ଦେଖି ସବୁ ପଦକ୍ଷେପ ନିଆଯାଇଛି। ଯଦି କେହି ପାଣି ଘେରରେ ରୁହନ୍ତି, ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ। ଲୋକଙ୍କ ଜୀବନ ରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ୨୮ ଓ ୨୯ ଦୁଇ ଦିନ ଧରି ଓଡିଶା ଉପରେ ବାତ୍ୟାର ପ୍ରଭାବ ରହିବ।

### ୭ ବର୍ଷର ଶିଶୁ...

ମନା କରି ଦେଇଥିଲେ। ତଦନ୍ତ ଦଳର ନେତୃତ୍ୱ କିଏ ନେଉଥିଲେ ତାହା ମଧ୍ୟ ସେ ପ୍ରକାଶ କରି ନଥିଲେ। ଶୁକ୍ରବାର ଦିନ ଏହି ଘଟଣା ସାମ୍ନାକୁ ଆସିଥିଲା। ଶିଶୁଟିର ପରିବାର ରକ୍ତଭଣ୍ଡାରକୁ ଦୂଷିତ ରକ୍ତ ପ୍ରଦାନ ପାଇଁ ଦାୟୀ କରିଥିଲେ। ରକ୍ତଭଣ୍ଡାରକୁ ଯିବା ଆରମ୍ଭ କରିବା ପରଠାରୁ ଶିଶୁଟି ପ୍ରାୟ ୨୫ ୟୁନିଟ୍ ରକ୍ତ ଗ୍ରହଣ କରିଥିଲା। ଅଭିଯୋଗ ପରେ, ଜିଲ୍ଲା ପ୍ରଜନନ ଏବଂ ଶିଶୁ ସ୍ୱାସ୍ଥ୍ୟ (ଡିଆରସିଏଚ୍) ଅଧିକାରୀ ଡାକ୍ତର ମୀନୁଙ୍କ ନେତୃତ୍ୱରେ ଏକ ତିନି ସଦସ୍ୟ ବିଶିଷ୍ଟ ସ୍ଥାନୀୟ କମିଟି ଗଠନ କରାଯାଇଥିଲା, ଯାହାର ତଦନ୍ତ ପାଇଁ କମିଟି ଶୀଘ୍ର ଏହାର ରିପୋର୍ଟ ପ୍ରଦାନ କରିବ ବୋଲି ମାଝୀ କହିଛନ୍ତି।

ସିଭିଲ୍ ସର୍ଜନ ଆହୁରି କହିଛନ୍ତି ଯେ, ଶିଶୁର ରକ୍ତ ସ୍ଥାନାନ୍ତର ପାଇଁ ଯେଉଁ ରକ୍ତଦାତାଙ୍କ ନମୁନା ବ୍ୟବହାର କରାଯାଇଥିଲା, ସେମାନଙ୍କର କୌଣସି ନିଷ୍କର୍ଷ ବାହାର କରିବା ପୂର୍ବରୁ ସେମାନଙ୍କର ପରୀକ୍ଷା କରାଯିବ। ମାଝୀ କହିଛନ୍ତି, ମଞ୍ଜରୀ ଥାନା ଅଞ୍ଚଳର ଏକ ଗ୍ରାମାଞ୍ଚଳର ବାସିନ୍ଦା ଏହି ପିଲାଟି ଏଚଆଇଭି ପଜିଟିଭ୍ ବୋଲି ଜଣାପଡିଛି। ତଥାପି, ବ୍ୟାଙ୍କ ଦ୍ୱାରା ଦାନ କରାଯାଇଥିବା ରକ୍ତ ଯୋଗୁଁ ସଂକ୍ରମଣ ହୋଇଛି କି ନାହିଁ ତାହା କହିବା ଠିକ୍ ହେବ ନାହିଁ। ସେ କହିଛନ୍ତି ଯେ ଏଚଆଇଭି ସଂକ୍ରମଣ ଦୂଷିତ ଛୁଞ୍ଚି ସହିତ ସଂସ୍ପର୍ଶରେ ଆସିବା ସମେତ ଅନ୍ୟାନ୍ୟ କାରଣ ଯୋଗୁଁ ମଧ୍ୟ ହୋଇପାରେ।

### ପରଲୋକରେ ଅଭିନେତା...

ସିନେମାରେ ସେ ନିଜର ବଳିଷ୍ଠତା ଦେଖାଇ ପାରିଛନ୍ତି। ୧୯୮୩ରେ ଜାନେ ଭି ଦୋ ୟାରୋରେ ସେ କରିଥିବା ଅଭିନୟ ତାଙ୍କ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ସେ ହମ ସାଥ ସାଥ ହେଁ, ମେଁ ହୁଁ ନା, କାଲ ହୋ ନା ହୋ, କଭି ହାଁ କଭି ନାଁ, ଦିଲୱାଲେ ଦୁଲହନିଆ ଲେ ଜାଏଙ୍ଗେ ଓ ଓମ ଶାନ୍ତି ଓମ ଭଳି ସୁପର ହିଟ୍ ସିନେମାରେ ସତୀଶ ନିଜ ଯାଦୁ ଦେଖାଇଥିଲେ। ୨୫୦ରୁ ଅଧିକ ସିନେମା ଓ ଟିଭି ସିରିଏଲରେ ଅଭିନୟ କରିଥିବା ସତୀଶ ୧୯୫୧ ମସିହା ଜୁନ ୨୫ରେ ବମ୍ବେରେ ଜନ୍ମ ଗ୍ରହଣ କରିଥିଲେ। । ସେ ୧୯୭୮ରେ ସେ ଅରବିନ୍ଦ କି ଅଜବୀ ଦାସ୍ତାନ ଜରିଆରେ ସିନେମାରେ ଡେବ୍ୟୁ କରିଥିଲେ। କିନ୍ତୁ ୧୯୮୩ରେ ଜାନେ ଭି ଦୋ ୟାରୋରେ ସେ ମ୍ୟୁନିସପାଲ କମିଶନର ଡି'ମେଲଲୋ ଚରିତ୍ରରେ ଅଭିନୟ କରି ସମସ୍ତଙ୍କ ପାଖରେ ଆଦୃତ ହୋଇଥିଲେ।

### ପ୍ରତାରଣା କରି...

ବିବାହିତ ବୋଲି ନିକଟରେ ଏୟାର ହୋଷ୍ଟେସ ଜଣଙ୍କ ଜାଣିବାକୁ ପାଇଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତୀବ୍ର ଝଗଡା ହୋଇଥିଲା। ଉମାକାନ୍ତ ଏୟାର ହୋଷ୍ଟେସଙ୍କୁ ମାଡ ମାରିଲେ। ଉମାକାନ୍ତ ତାଙ୍କୁ ଧୋକା ଦେଇଥିବା ଜାଣିବା ପରେ ଏୟାର ହୋଷ୍ଟେସ ଜଣଙ୍କ ଗତ ୧୯ ତାରିଖରେ ଏୟାରପୋର୍ଟ ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରିଥିଲା। ପ୍ରମାଣ ପାଇବା ପରେ ସଂପୃକ୍ତ ଡିଜିଏମ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି ଯେ ଆଇନ ତା' ବାଟରେ ଯାଇଛି। ଯେହେତୁ ପୀଡିତା ଏକ ଘରୋଇ ଏୟାର ଲାଇନ୍ସରେ କାମ କରୁଛନ୍ତି, ତେଣୁ ସେ ଏୟାରପୋର୍ଟ ଷ୍ଟାଫ୍ ନୁହନ୍ତି। ସେଥିପାଇଁ ସେ ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ନକରି ସିଧା ଥାନାରେ ଏତଲା ଦେଇଥିଲେ।

### ୩୩ ପ୍ରକଳ୍ପରେ...

ନିଯୁକ୍ତି ସୃଷ୍ଟି ହେବ। ୧୨ଟି ପ୍ରକଳ୍ପ ମଧ୍ୟରେ ବଡ଼ ପୁଞ୍ଜିନିବେଶ ଆଦାନୀ ଗ୍ରୁପର ପ୍ରକଳ୍ପ ରହିଛି। କୋଇଲାରୁ କେମିକାଲ ପ୍ରସ୍ତୁତି ଶିଳ୍ପ ପାଇଁ ୮୪ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବ ଆଦାନୀ ଗ୍ରୁପ। ସେହିପରି ସ୍ପେସିଆଲ ଷ୍ଟିଲ ଶିଳ୍ପ, ସେମିକଣ୍ଡକ୍ଟର, ଗ୍ରୀନ ଏନର୍ଜି, ସୋଲାର ଶିଳ୍ପ ପାଇଁ ଅନୁମୋଦନ ମିଳିଛି।

ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି, ବିଜେପି ସରକାରର ୫୦୦ ଦିନ ଭିତରେ ବର୍ତ୍ତମାନ ସୁଦ୍ଧା ୩୨୯ଟି ପ୍ରକଳ୍ପକୁ ୭ଲକ୍ଷ ୬୬ହଜାର କୋଟି ଅଧିକ ପୁଞ୍ଜିନିବେଶ ଅନୁମୋଦନ ଦେଇଛନ୍ତି। ସେଥିମଧ୍ୟରୁ ୮୪ଟି ପ୍ରକଳ୍ପ ଗ୍ରାଉଣ୍ଡ ବ୍ରେକିଂ କରି କାମ ଆରମ୍ଭ କରିଛୁ। ୪ଲକ୍ଷ ୬୮ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେଉଛି। ୨ଲକ୍ଷ ୪ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ଯାହା ଦ୍ୱାରା ୧ଲକ୍ଷ ୬୪ହଜାର ନିଯୁକ୍ତି ସୁନିଶ୍ଚିତ କରିଛୁ।

### ଭିଜିଲାନ୍ସ ଜାଲରେ...

ଯୋଜନା ଅନୁଯାୟୀ ଭିଜିଲାନ୍ସ ଟିମ୍ ହରିଶ୍ଚନ୍ଦ୍ର ମହାପାତ୍ରଙ୍କୁ କାବୁ କରିଥିଲା। ଅଭିଯୁକ୍ତଙ୍କ ଆୟ ବହିର୍ଭୂତ ସମ୍ପତ୍ତି ନେଇ ଅଧିକ ଖୋଳତାଡ କରୁଛି ଭିଜିଲାନ୍ସ। ତାଙ୍କ ଜୟପୁରସ୍ଥିତ ଘର ସହ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସର ଚଢ଼ଉ ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆକରି ସରକାରୀ ଚାକିରିରେ ଯୋଗ ଦେଉଥିବା ଯୁବଗୋଷ୍ଠୀଙ୍କୁ ଦିଗଦର୍ଶନ କାର୍ଯ୍ୟକ୍ରମରେ ପରାମର୍ଶ ଦେଉଛନ୍ତି ଯେ, ଚାକିରି ଅର୍ଥ ସେବା। ଶ୍ରୀ ମାଝୀ ସରକାରୀ ଚାକିରିଆଙ୍କୁ ସେବା ମନୋଭାବ ରଖି କର୍ତ୍ତବ୍ୟ କରିବାକୁ ପରାମର୍ଶ ଦେଉଛନ୍ତି। ଅନ୍ୟପଟରେ ସରକାରୀ ଚାକିରିଆମାନେ ଲୋଭର ବଶବର୍ତ୍ତୀ ହୋଇ ଜନସାଧାରଣଙ୍କ ଠାରୁ ଲାଞ୍ଚ ନେଇ କାମ କରୁଛନ୍ତି। ଭିଜିଲାନ୍ସ ଦ୍ୱାରା ଅନେକ ସରକାରୀ ଚାକିରିଆ ଗିରଫ ହୋଇ ଜେଲ୍ ଯାଉଛନ୍ତି। ଦୋଷୀ ସାବ୍ୟସ୍ତ ହେଉଥିବା ଚାକିରିଆମାନେ କଠୋର କାର୍ଯ୍ୟାନୁଷ୍ଠାନର ମଧ ଶିକାର ହେଉଛନ୍ତି। କିନ୍ତୁ ଏଥିରୁ ଅନ୍ୟମାନେ କିଛି ଶିଖୁ ନାହାନ୍ତି।

### ଲଜ୍ଜା: ୨ ଅଷ୍ଟ୍ରେଲୀୟ...

ରଘୁବଂଶୀ କହିଛନ୍ତି, ଦୁଇ ଜଣ କ୍ରିକେଟର ହୋଟେଲରୁ ବାହାରି ଚାଲିଚାଲି କାଫେକୁ ଯାଉଥିଲେ। ଏହି ସମୟରେ ବାଇକରେ ଜଣେ ବ୍ୟକ୍ତି ସେମାନଙ୍କ ପିଛା କରିଥିଲା। କିଛି ସମୟ ପରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ବାଇକଧାରୀ ଜଣକ ଅପାତ୍ତିଜନକ ଭାବେ ସ୍ପର୍ଶ କରି ସେଠାରୁ ଦ୍ରୁତଗତିରେ ଚାଲି ଯାଇଥିଲା।

ଏନେଇ ସେମାନେ ତୁରନ୍ତ ଟିମର ସୁରକ୍ଷା ଅଧିକାରୀ ଡ୍ୟାନୀ ସିମନ୍ସଙ୍କ ସହ ଯୋଗାଯୋଗ କରିଥିଲେ। ସେ ସ୍ଥାନୀୟ ସୁରକ୍ଷା ଅଫିସରଙ୍କ ସହାୟତାରେ ଘଟଣାସ୍ଥଳକୁ ଗୋଟିଏ ଗାଡି ପଠାଇଥିଲେ। ସୂଚନା ପାଇ ଏସିପି ହିମାନୀ ମିଶ୍ରା ଦୁଇ ଖେଳାଳିଙ୍କୁ ଭେଟିଥିଲେ। ସେମାନଙ୍କ ବୟାନକୁ ରେକର୍ଡ କରି ତୁରନ୍ତ ଏଆଇଜି ପୁଲିସ ଷ୍ଟେସନରେ ମାମଲା କରାଯାଇଥିଲା।

ଘଟଣାସ୍ଥଳରେ ଉପସ୍ଥିତ ଥିବା ଜଣେ ବ୍ୟକ୍ତି ଅଭିଯୁକ୍ତର ବାଇକ ନମ୍ବରକୁ ନୋଟ କରିଥିଲେ। ସେହିପରି ସିସିଟିଭି ଫୁଟେଜକୁ ଯାଞ୍ଚ କରି ଅକୀଲ ଖାନକୁ ଗିରଫ କରାଯାଇଛି। ତା' ନାଁରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ରହିଥିଲା। ଏବେ ଘଟଣାର ପୂରା ତଦନ୍ତ କରାଯାଉଥିବା ରଘୁବଂଶୀ ସୂଚନା ଦେଇଛନ୍ତି।

### ୪ ବିଭାଗର...

ଉପକୃତ ହେବେ। ରାଜ୍ୟର ଅତିରିକ୍ତ ଭାବେ ୫.୨ କେଜି ମୁଣ୍ଡ ପିଛା ବାର୍ଷିକ ମାଛ, ୭.୪ କେଜି ମୁଣ୍ଡ ପିଛା ବାର୍ଷିକ ମାଂସ ଉତ୍ପାଦନ ବୃଦ୍ଧି ହେବ। ଫସଲ ବିବିଧିକରଣ କାର୍ଯ୍ୟକ୍ରମ ପାଇଁ ୩ ବର୍ଷରେ ଖର୍ଚ୍ଚ ହେବ ୧୫୨୩.୯୮ କୋଟି ଟଙ୍କା।

ସେହିପରି ବିମାନ ଚଳାଚଳ କ୍ଷେତ୍ର ପାଇଁ ଭିତ୍ତିଭୂମି ବିକାଶ ଓ ଆଧୁନିକରଣ ପାଇଁ ଖର୍ଚ୍ଚ ହେବ ୪.୧୮୨ କୋଟି ଟଙ୍କା। ଏହାକୁ କ୍ୟାବିନେଟ୍‌ର ମୋହର ବାଜିଛି। ବିମାନ ସଂଯୋଗ, ରକ୍ଷଣାବେକ୍ଷଣ, ମରାମତି, କାର୍ଗୋ ଓ ଲଜେଷ୍ଟିକ ବିକାଶ, ନୂଆ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି।

## ଜେସିବି ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ: ଡ୍ରାଇଭର ଗିରଫ

**କଳିଙ୍ଗନଗର,୨୫।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଥାନା ଅନ୍ତର୍ଗତ ସାରଙ୍ଗପୁର ହାଟ ନିକଟରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣା ଘଟିଛି। ହାଟରୁ ଫେରୁଥିବା ବେଳେ ଜଣେ ଶ୍ରମିକଙ୍କୁ ବିପରୀତ ଦିଗରୁ ଆସୁଥିବା ଏକ ଜେସିବି ମେସିନ (ନମ୍ବର - ଓଆର୦୪ଏଲ-୩୨୨୦) ଭୟାବହ ଭାବରେ ଧକ୍କା ଦେଇଥିଲା।ଘଟଣାରେ ମୃତ ବ୍ୟକ୍ତିଙ୍କ ଚିହ୍ନଟ ଫୁଲଝର ଅଞ୍ଚଳର ଜିତେନ ପୂର୍ତ୍ତି (ବୟସ ୪୦) ବୋଲି ହୋଇଛି। ସେ କଳିଙ୍ଗନଗରରେ ସ୍ଥିତ ଏକ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ସ୍ଥାନୀୟ ସୂତ୍ର ଅନୁସାରେ, ଜେସିବି ମେସିନ ତାଙ୍କ ମୁଣ୍ଡ ଉପରେ ଚାଲିଯିବା ଫଳରେ ମୁଣ୍ଡ ଭିତରକୁ ପଶିଯାଇଥିଲା ଓ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ।ସ୍ଥାନୀୟ ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତକୁ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ, କିନ୍ତୁ ଡାକ୍ତର ତାଙ୍କ ପରୀକ୍ଷା ପରେ ମୃତ ଘୋଷଣା କଲେ।

ଘଟଣା ପରେ, ଜେସିବି ଚାଳକ ମନୋଜ ପରିଡା (ବୟସ ୨୨), ପିତା ସନ୍ତୋଷ ପରିଡା, ଗ୍ରାମ ଝୁମୁକାପାସି, ପୋଲିସ ଥାନା ପଣ୍ଡପଡା, ଜିଲ୍ଲା କେନ୍ଦୁଝର କୁ କଳିଙ୍ଗନଗର ପୋଲିସ ହେପାଜତକୁ ନେଇଛି।ଏହା ସମ୍ବନ୍ଧରେ କଳିଙ୍ଗନଗର ପୋଲିସ ଷ୍ଟେସନ କେସ୍ ନମ୍ବର-୩୯୩/୨୦୨୫, ତା. ୨୪.୧୦.୨୦୨୫, ଧାରା ୨୮୧/୧୦୬(୧) ବିଏନ୍‌ଏସ୍ ଅନୁଯାୟୀ ମାମଲା ରୁଜୁ କରିଛି। ଗାଡ଼ି ଓ ଚାଳକଙ୍କୁ ଜବତ କରାଯାଇଛି ଏବଂ ତଦନ୍ତ ଜାରି ରହିଛି।

## ନିଶାବେପାରୀଙ୍କ ଟାର୍ଗେଟରେ ଶିକ୍ଷାନୁଷ୍ଠାନ ନିକଟ ଦୋକାନ

**ଭୁବନେଶ୍ୱର,୨୫।୧୦: ତଥ୍ୟ**

ରାଜଧାନୀରେ ନିଶାଡିମାନଙ୍କ ଉତ୍ପାତ ବଢି ଚାଲିଥିବାବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ଥିବା ଭେଣ୍ଡିଂଜୋନ୍, ଛୋଟ ଛୋଟ ଦୋକାନ ଓ ଝୁମ୍ପୁଡିଘର ଏବେ ନିଶା ବେପାରୀଙ୍କ ଟାର୍ଗେଟରେ । ଏହିସବୁ ସ୍ଥାନରେ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ନିକଟରେ ନିଶାଯୁକ୍ତ ସିଗାରେଟ ଓ ଅନ୍ୟାନ୍ୟ ନିଶାସାମଗ୍ରୀ ପହଞ୍ଚାଇବାରେ ଲାଗିଛନ୍ତି।

ଶିକ୍ଷାନୁଷ୍ଠାନ ନିକଟରେ ଥିବା ଦୋକାନଗୁଡିକରେ ସିଗାରେଟ୍, ପାନ, ଗୁଟ୍‌ଖା ଆଦି ବିକ୍ରି ନିଷେଧ ହୋଇଥିବାବେଳେ ତାହାକୁ ରାଜଧାନୀରେ ପ୍ରାୟତଃ କେହି ମାନୁ ନାହାନ୍ତି। ବରଂ ଅଧିକାଂଶ ସ୍ଥାନରେ ସିଗାରେଟ ସହିତ ଗଞ୍ଜେଇ ସିଗାରେଟ ବି ମିଳିଯାଉଛି । ଛାତ୍ରଛାତ୍ରୀମାନେ ଏଠାରୁ ସହଜରେ ଗୁଟ୍‌ଖା ପାଇ ଚୋବାଉଛନ୍ତି। ରାଜଧାନୀର ବିଭିନ୍ନ ବିଦ୍ୟାଳୟ ପାଚେରୀକୁ ଲାଗିକରି ବିଏମ୍‌ସି ଭେଣ୍ଡିଜୋନ୍ ତିଆରି କରିଛି। ଏଠାରେ ବିଭିନ୍ନ ଦୋକାନ ସହିତ ଚା' ପାନ ଦୋକାନ ଖୋଲିବାକୁ ବି ଅନୁମତି ମିଳିଛି। ତେଣୁ ଏଠାରେ ଗୁଟ୍‌ଖା, ପାନ, ସିଗାରେଟ ଆଦି ସହଜରେ ଉପଲବ୍ଧ ହେଉଛି। କେତେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ସ୍କୁଲ ହତା ଭିତରେ ରହି ବି ଏହାସବୁ ପାଇଯାଉଛନ୍ତି। ନିୟମିତ ଚଢଉ ହେଉନଥିବାରୁ ଓ ଏ ସଂକ୍ରାନ୍ତରେ ଥିବା ଆଇନ୍ କଡାକଡି ପାଳନ ହେଉନଥିବାରୁ ଦୋକାନୀମାନେ ବେଧଡକ ଭାବେ ଗୁଟ୍‌ଖା, ସିଗାରେଟ ଆଦି ଖୋଲାଖୋଲି ଭାବେ ବିକ୍ରି କରୁଛନ୍ତି। ସେହିଭଳି ରାଜଧାନୀର କେତେକ ବିଦ୍ୟାଳୟ ନିକଟରେ ଛୋଟକାଟର ବସ୍ତି ବି ଗଜି ଉଠୁଛି। ଖୋଦ୍ ବିଏମସି ମୁଖ୍ୟ ଦପ୍ତର ନିକଟରେ ଏଭଳି ବସ୍ତି ଗଜି ଉଠିବା ଓ ବିଏମସିର ବାବୁମାନେ ସବୁ ଦେଖି ନଦେଖିବା ଭଳି ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ବସ୍ତିରେ ରହୁଥିବା ଲୋକମାନେ ନିକଟରେ ଥିବା ଡ୍ରେନକୁ ଶୌଚାଳୟ ଭାବେ ବ୍ୟବହାର କରୁଛନ୍ତି। ବିଦ୍ୟାଳୟ ନିକଟରେ ଅତ୍ୟନ୍ତ ପୂତି ଗନ୍ଧମୟ ପରିସ୍ଥିତି ସୃଷ୍ଟି କରୁଛନ୍ତି । ସ୍ଥାନୀୟ କର୍ପୋରେଟରଙ୍କ ଠାରୁ ଆରମ୍ଭ କରି ସାନିଟାରୀ ଇନ୍‌ସପେକ୍ଟରମାନେ ସବୁକିଛି ଦେଖୁଥିଲେ ବି କାର୍ଯ୍ୟାନୁଷ୍ଠାନ ନେବାକୁ ପଛାଉ ଥିବାରୁ ବେଆଇନ୍ ବସ୍ତିବାସିନ୍ଦାମାନେ ବେଧଡକ ଭାବେ ରହୁଛନ୍ତି। କିଛିଦିନ ହେଲା ବିଏମ୍‌ସି, ବିଡିଏ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ ହେଉଥିବାବେଳେ ବିଦ୍ୟାଳୟଗୁଡିକ ନିକଟରେ ଗଜି ଉଠିଥିବା ଦୋକାନ ଓ ଝୁମ୍ପୁଡିଗୁଡିକୁ କିନ୍ତୁ ହଟାଇବାପାଇଁ ସେଭଳି ଆଗ୍ରହ ପ୍ରକାଶ ପାଉନାହିଁ। ଫଳରେ ବିଦ୍ୟାଳୟ ନିକଟରେ ଦିନକୁ ଦିନ ମାଂସକଟା ସହିତ ମାଛ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ହେବାରେ ଲାଗିଛି। ରାଜ୍ୟ ସରକାର ପ୍ରାୟ ୧୦ବର୍ଷ ତଳୁ ରାଜ୍ୟରେ ଗୁଟ୍‌ଖା, ନିକୋଟିନ୍ ଯୁକ୍ତ ପାନମସଲା ଉପରେ କଟକଣା ଲଗାଇଥିବାବେଳେ ସର୍ବସାଧାରଣ ସ୍ଥାନରେ ଧୂମପାନକୁ ବେଆଇନ୍ ଘୋଷଣା କରାଯାଇଛି। ହେଲେ ସରକାରଙ୍କର ଏହି କଟକଣାକୁ ଖୋଦ ରାଜଧାନୀରେ ପ୍ରାୟତଃ କେହି ମାନୁନାହାନ୍ତି। ଫଳରେ ବିଦ୍ୟାଳୟ ନିକଟରେ ଏହିସବୁ ନିଶା ସାମଗ୍ରୀ ସହଜରେ ଉପଲବ୍ଧ ହେଉଥିବାବେଳେ ସହରର ନିଶା ବେପାରୀମାନେ ଶିକ୍ଷାନୁଷ୍ଠାନକୁ ସହଜରେ ଟାର୍ଗେଟ କରିବାରେ ସଫଳ ହେଉଛନ୍ତି।

## ବର୍ଷାରେ ଭାଙ୍ଗି ପଡ଼ିଲା ତୋରଣ



**ଯାଜପୁର,୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଗଣପର୍ବ କାଳୀପୂଜା ପାଇଁ ସମସ୍ତ ପୂଜା ମଣ୍ଡପ ପକ୍ଷରୁ ସୁଉଚ୍ଚ ତୋରଣ ନିର୍ମାଣ କରାଯାଇଛି। କେଉଁଠି କପଡ଼ା ଗେଟ୍ ତ ଆଉ କେଉଁଠି ଲାଇଟ ଗେଟ୍ ନିର୍ମାଣ କରାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ମନ୍ଥା' ପ୍ରଭାବରେ ଶନିବାର ମଧ୍ୟାହ୍ନ ସମୟରେ ହଠାତ୍ ପାଗରେ ପରିବର୍ତ୍ତନ ଆସିବା ସହ ଆକାଶରେ କଳା ହାଣ୍ଡିଆ ମେଘ ଘୋଟି ଯାଇଥିଲା। କିଛି ସମୟ ପରେ ବର୍ଷା ସାଙ୍ଗକୁ ପବନ ମଧ୍ୟ ବୋହିଥିଲା। ଯାହାଫଳରେ କୁସୁମା ରୋଡ଼ରେ ନିର୍ମାଣ ହୋଇଥିବା ଏକ ତୋରଣଟି ଭାଙ୍ଗି ପଡ଼ିଥିଲା। ଏହି ତୋରଣଟି ସମ୍ପୂର୍ଣ୍ଣ ରାସ୍ତା ଉପରେ ପଡ଼ିବା ସହିତ ଏକ ବାଇକ ଉପରେ ଚାପି ହୋଇଯାଇଥିଲା ଫଳରେ ବାଇକଟି ଭାଙ୍ଗିରୁଜି ଯାଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ

Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ